# Odisha Legislative Assembly

## Third Session

## Questions For Oral UnStarred Answer

## 26th March, 2025

----

[**Agriculture And Farmers Empowerment - Fisheries & Animal Resources Development - Food Supplies & Consumer Welfare - Energy - Textiles, Handlooms & Handicrafts - Co-operation - Micro, Small & Medium Enterprises and Science and Technology** ].

**Total Question - 182**

----

### Govt. proposes to develop any e-Platform

**4210 Shri Padmalochan Panda (Simulia):**

Will the Minister for **Micro, Small & Medium Enterprises** be pleased to state that:- (a) Whether the Government proposes to develop any e-Platform to connect industries department, exporters, entrepreneurs and other stakeholders; and (b) If so, the details thereof along with the benefits of the said platform with information and data regarding trade particularly of the state of Odisha?

----

### ତାଲିମ୍ କେନ୍ଦ୍ର ପ୍ରତିଷ୍ଠା

**4223 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ, ତାଲିମ ପ୍ରଦାନ କରାଯିବା ପାଇଁ ରାଜ୍ୟର କେଉଁ ଜିଲ୍ଲାରେ କେତୋଟି କେନ୍ଦ୍ର ପ୍ରତିଷ୍ଠା ହୋଇଛି, ତାଲିମ କେନ୍ଦ୍ର ଗୁଡିକର ଭିତ୍ତିଭୂମି ସୁ୍‌ଦୃଢ଼ ସୁନିଶ୍ଚିତ କରିବା କାହାର ଦାୟୀତ୍ୱ ରହିଛି, ବର୍ତ୍ତମାନ ସୁଦ୍ଧା କେଉଁ ଜିଲ୍ଲାର କେତୋଟି କେନ୍ଦ୍ରର ଭିତ୍ତିଭୂମି ସୁଦୃଢ ସୁନିଶ୍ଚିତ ନଥିବା ସତ୍ତ୍ୱେ ତାଲିମ ପ୍ରଦାନ କରୁଛନ୍ତି ?

----

## ଗଂଜାମ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା

4289 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଂଜାମ ଜିଲ୍ଲା ଏକ କୃଷିବହୁଳ ଜିଲ୍ଲା ଓ ଓଡିଶାର ସବୁଠାରୁ ବଡ ଜିଲ୍ଲା ହୋଇଥିବାରୁ ସେଠାରେ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ସରକାର କିଛି ବ୍ୟବସ୍ଥା କରିବେକି?

----

## ତାଲିମ ପ୍ରଦାନ

4322 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର କେତେ ଯୁବକ, ଯୁବତୀମାନଙ୍କ କେଉଁ କେଉଁ ବର୍ଗର ତାଲିମ ପ୍ରଦାନ କରାଯାଇଛି ; କେଉଁ ସଂସ୍ଥା ବା ବ୍ୟକ୍ତି ବିଶେଷ କିଭଳି ଓ କେଉଁ ଆଧାରରେ ତାଲିମ ପ୍ରଦାନ କରୁଛନ୍ତି ; କେତେ ଜିଲ୍ଲାରେ ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଛି ?

----

## ମହିଳା ଉଦ୍ୟୋଗୀ

4722 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ମହିଳା ଉଦ୍ୟୋଗୀ ରହିଛନ୍ତି ଏବଂ ସେମାନେ ମୁଖ୍ୟତଃ କି କି ଉଦ୍ୟୋଗ ସ୍ଥାପନ କରିଛନ୍ତି ; ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଓ ଋଣ ପ୍ରଦାନ ପାଇଁ ସରକାରଙ୍କର କି କି ଯୋଜନା ରହିଛି ତାହା ଉଲ୍ଲେଖ କରିବେ କି ; ଗତ 5ବର୍ଷ ମଧ୍ୟରେ ମହିଳାଙ୍କ ଦ୍ୱାରା ପରିଚାଳିତ କେତୋଟି ନୂଆ ଉଦ୍ୟୋଗ ଖୋଲିଛି ଏବଂ କେତୋଟି ବନ୍ଦ ହୋଇଛି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି?

----

## Floating of Solar Projects

4858 **Shri Kalikesh Narayan Singh Deo (Bolangir):**

Will the Minister for **Energy** be pleased to state that:- Given Odisha's high solar potential, what progress has been made on the proposed solar parks,

particularly the one in specific area, e.g. Balangir; Could the government provide an estimated timeline for commissioning; Has the Energy Department conducted feasibility studies on floating solar projects in Odisha's water reservoirs, and if so, what are the findings and plans for implementation?

----

### Illegal encroachment and unsustainable fishing practices

**4859 Shri Kalikesh Narayan Singh Deo (Bolangir):**

Will the Minister for **Fisheries & Animal Resources Development** be pleased to state that:- Will the government clarify the measures implemented by the government to address illegal encroachment and unsustainable fishing practices in water bodies like Suktel Reservoir and other community ponds in Balangir District; What steps have been taken to rehabilitate affected fisher families and ensure their livelihoods are safeguarded through sustainable resource management?

----

### କେନ୍ଦୁଝର ଜିଲ୍ଲାରେ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

**4860 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ କାନପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବାପରେ ଜିଲ୍ଲାରେ ଜଳସେଚନ ବ୍ୟବସ୍ଥା ସମ୍ପ୍ରସାରିତ ହୋଇ କୃଷି ଉତ୍ପାଦନ ବୃଦ୍ଧି ହେବାର ଉଜ୍ଜ୍ୱଳ ସମ୍ଭାବନା ଦେଖାଦେଇଥିବା ପରିପ୍ରେକ୍ଷୀରେ ଜିଲ୍ଲାରେ ଏକ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି?

----

### ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ

**4861 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବାର୍ଷିକ ଘରୋଇ, ଶିଳ୍ପ, ଖଣି, ବ୍ୟବସାୟିକ ସଂସ୍ଥା ପାଇଁ କେତେ ବିଦ୍ୟୁତ୍ ଆବଶ୍ୟକ ହେଉଛି, ତାହାର ତିନିବର୍ଷର ବିବରଣୀ ଦର୍ଶାଇ କେଉଁ ଉତ୍ସରୁ ରାଜ୍ୟରୁ କେତେ ବିଦ୍ୟୁତ୍ ଉତ୍ପାଦିତ ହେଉଛି ଓ କେତେ ବିଦ୍ୟୁତ୍ ବାହାର ରାଜ୍ୟକୁ ବିକ୍ରୟ କରାଯାଉଥିବା ବେଳେ କେତେ ବିଦ୍ୟୁତ୍ ବାହାର ରାଜ୍ୟରୁ ଆମଦାନୀ କରାଯାଉଛି ପ୍ରକାଶ କରି ରାଜ୍ୟରେ ସୌରଶକ୍ତି ମାଧ୍ୟମରେ ପ୍ରତ୍ୟେକ ପରିବାର ପାଇଁ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି?

----

### Control rising prices of essential commodities

**4862 Smt. Sofia Firdous (Barabati-Cuttack):**

Will the Minister for **Food Supplies & Consumer Welfare** be pleased to state that:- (a) Since June 2024, what specific measures have been taken to control rising prices of essential commodities in Cuttack; (b) What steps has the District Collector implemented to regulate market rates and prevent hoarding and black marketing; Has the department conducted any market inspections or price monitoring drives; If so, will the government provide details with dates; What additional steps are being planned to ensure price stability and protect consumer interests in the district?

----

## Energy Department allocated to Odia Contractors

**4863 Smt. Sofia Firdous (Barabati-Cuttack):**

Will the Minister for **Energy** be pleased to state that:- (a) What steps has the government taken since June 2024 to promote Odia entrepreneurs and contractors in the energy sector; (b) How many new contracts have been awarded to local contractors, and how many existing contracts have been renewed with them as part of the " Vocal for Local" initiative; What percentage of total work in the energy department has been allocated to Odia contractors, and what future plans are there to strengthen their participation?

----

## କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ନୂତନ ଟେକ୍ନୋଲୋଜି ଅପଣାଇବା

**4864 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର କୃଷି ବିକାଶ, କୃଷକ ସହାୟତା ଏବଂ ଏନଏଏପି (NABARD) ଓ କେନ୍ଦ୍ର ସାହାଯ୍ୟପ୍ରାପ୍ତ ଯୋଜନାରେ ଓଡ଼ିଶାର କୃଷି ଉତ୍ପାଦନ ବୃଦ୍ଧି ଏବଂ ନୂତନ ଟେକ୍ନୋଲୋଜି ଅପଣାଇବା ପାଇଁ କେଉଁ କେଉଁ ମୁଖ୍ୟ ଯୋଜନା ମାନ ପ୍ରଚଳିତ ଅଛି, କୃଷକମାନଙ୍କ ପାଇଁ ସରକାରୀ ଅର୍ଥ ସହାୟତା, ଋଣ ଛାଡ ଉପଲବ୍ଧ କରାଇବା ପାଇଁ କେଉଁ ବ୍ୟବସ୍ଥା ଗ୍ରହଣ କରାଯାଇଛି, କୃଷି ଅଧିକ ଲାଭଜନକ କରିବା ଏବଂ କୃଷକମାନଙ୍କ ଆୟ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର କି କି ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରୁଛନ୍ତି କି ?

----

## ଖାଦ୍ୟ ସଂରକ୍ଷଣ ଏବଂ ବଣ୍ଟନ ବ୍ୟବସ୍ଥା

**4865 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଗୋଦାମ ସଂଖ୍ୟା କେତେ ଅଛି, ସେମାନଙ୍କର ମୋଟ୍ ଉଦ୍ଧର୍ତ୍ତନ କ୍ଷମତା କେତେ, ଏବଂ ଏପର୍ଯ୍ୟନ୍ତ କେତେ ଗୋଟି ଉପଯୋଗ ହୋଇଛି, ଖାଦ୍ୟ ସଂରକ୍ଷଣ ଏବଂ ବଣ୍ଟନ ବ୍ୟବସ୍ଥା ଆଧୁନିକ ଏବଂ ପାରଦର୍ଶୀ କରିବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି କି ?

----

## TPNODI ଦ୍ୱାରା ବକେୟା ବିଲ୍ ଆଦାୟ

**4866 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- NESCO ସହ TP NODL କେବେ ମିଶ୍ରଣ ହୋଇଥିଲା ; NESCO ର ମିଶ୍ରଣ ବେଳେ ବିଦ୍ୟୁତ ଉପଭୋକ୍ତାଙ୍କର କେତେ ଟଙ୍କା ବକେୟା ଥିଲା ; ବକେୟା ଟଙ୍କା TPNODI କେତେ ଆଦାୟ କରିଛି, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ ୱାରୀ କେତେ ଟଙ୍କା ବକେୟା ଥିଲା, କେତେ ଏବେ ସୁଦ୍ଧା ଆଦାୟ ହୋଇଛି, TPNODL କେଉଁ ସ୍ଥାନରେ କେତେ ଜୋରିମାନା ଆଦାୟ କରିଛି ଏହାର ଏକ ବିବରଣୀ ପ୍ରଦାନ କରିବେ କି ?

----

## କୃଷି ଯନ୍ତ୍ରପାତି ଦ୍ୱାରା ସବସିଡି଼୍ ପ୍ରଦାନ

**4867 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୨୪-୨୫ ଆର୍ଥିକ ବର୍ଷରେ ମୟୁରଭଞ୍ଜ ଜିଲ୍ଲାକୁ କେତେ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଛି ଏବଂ ସେଥି ମଧ୍ୟରୁ କେତେ ଚାଷୀ ଉପକୃତ ହୋଇଛନ୍ତି ଏବଂ ସବ୍‌ସିଡି ପାଇଛନ୍ତି ତାର ଏକ ତାଲିକା ଦେବେ କି, (ଖ) ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକ୍‌ର କେଉଁ ଚାଷୀମାନେ କେଉଁ ଯନ୍ତ୍ରପାତି କେତେ ଅର୍ଥରେ କ୍ରୟକରି କେତେ ଟଙ୍କା ସବ୍‌ସିଡି ଆକାରରେ ପାଇଛନ୍ତି,ତାର ଏକ ବ୍ଲକୱାରୀ ହିତାଧିକାରୀଙ୍କ ସମସ୍ତ ବିବରଣୀ ପ୍ରଦାନ କରିବେ କି; ଏବଂ କେଉଁ ମାନେ କେଉଁ କାରଣ ପାଇଁ ସେମାନଙ୍କ ସବସିଡି଼୍ ପାଇ ପାରିନାହାଁନ୍ତି ?

----

## ପ୍ରାଥମିକ କୃଷି ସମବାୟ ସମିତି ଗୁଡିକର ପୁର୍ନଗଠନ

**4868 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ପ୍ରାଥମିକ କୃଷି ସମବାୟ ସମିତି ଗୁଡିକର ପୁର୍ନଗଠନ ନିମନ୍ତେ ନିଷ୍ପତ୍ତି ନେଇଥିବା ସତ୍ୟ କି, ଯଦି ହଁ, ତେବେ ଏହି ନିଷ୍ପତ୍ତି କେଉଁ ଆଧାରରେ ଗ୍ରହଣ କରାଯିବ ତାର ପୂର୍ଣ୍ଣାଙ୍ଗ ତଥ୍ୟ ଦେବା ସହ ପୁର୍ନଗଠନ କ୍ଷେତ୍ରରେ ବର୍ତ୍ତମାନ ସୁଦ୍ଧା କି ଅଗ୍ରଗତି ହୋଇଛି ତା'ର ଏକ ଜିଲ୍ଲାୱାରୀ ବିବରଣୀ ଦେବେ କି ?

----

## ଉପଭୋକ୍ତାଙ୍କ ଠାରୁ ଅଧିକ ବିଦ୍ୟୁତ୍ ଦେୟ ଆଦାୟ

**4869 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପିଏପସି ରିପୋର୍ଟ ମୁତାବକ ଓଡ଼ିଶାରେ ୟୁନିଟ୍ ପିଛା ୫.୮୮ ଟଙ୍କା ଉପଭୋକ୍ତା ଦେଉଥିବା ସ୍ଥଳେ ଅନ୍ୟ ରାଜ୍ୟ ମାନଙ୍କରେ କମ୍ ଦେଉଥିବା ସତ୍ୟ କି, (ଖ) ଓଇଆରସି ଅନୁମୋଦିତ ଶିଳ୍ପ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ କେତେ ଓ ବେଆଇନ ଭାବେ ଏହାଠାରୁ ଅଧିକ ଆଦାୟ ହେଉଥିବା ସରକାର ଜାଣନ୍ତି କି, ଯଦି ହଁ, ତେବେ ଏ ସଂକ୍ରାନ୍ତରେ ସରକାର କି ପଦକ୍ଷେପ ଉପଭୋକ୍ତାଙ୍କ ପାଇଁ ଗ୍ରହଣ କରିଛନ୍ତି ?

----

## ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ଦକ୍ଷତା ବୃଦ୍ଧି କରିବା

4870 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ତଥ୍ୟ ସହ ଏଥିରେ କାର୍ଯ୍ୟରତ ବିଭିନ୍ନ ବର୍ଗର କର୍ମଚାରୀଙ୍କ ସଂଖ୍ୟା କେତେ ତଥ୍ୟ ସହ ଆଗାମୀ ବର୍ଷରେ ଅଧିକ ଶିଳ୍ପାଞ୍ଚଳ Cluster ISEZ ପ୍ରତିଷ୍ଠା ପାଇଁ ହେବାକୁ ଥିବା ଯୋଜନା MOUର ତଥ୍ୟ ପ୍ରଦାନ କରିବେକି, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ଆବଶ୍ୟକ ଦକ୍ଷତା ବୃଦ୍ଧି ଦିଗରେ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ଉନ୍ନତ କିସମର ବିହନ ଆବିଷ୍କାର

4871 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ବିହନ ନିଗମରେ ଉତ୍ତମ ବିହନ ପ୍ରସ୍ତୁତ କରାଯାଇପାରୁ ନଥିବା ସତ୍ୟ କି, କେଉଁ ପ୍ରକାର ବିହନମାନ ନିଗମଦ୍ୱାରା commercial purpose ପାଇଁ ପ୍ରସ୍ତୁତ କରାଯାଇଅଛି, ବିଗତ 5 ବର୍ଷର annual detail inspection ଏବଂ balance sheet ପ୍ରଦାନ ସହ ଶେଷ CAG ତଥ୍ୟ ପ୍ରଦାନ କରିବେକି ?

----

## SFSA ଯୋଜନାରେ ରାସନ କାର୍ଡଧାରୀ

4872 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ SFSA ଯୋଜନାରେ ରାସନ ପାଉଥିବା କେତେ କାର୍ଡଧାରୀ ଅଛନ୍ତି, ଚଳିତ ବର୍ଷ ସେମାନଙ୍କ ମଧ୍ୟରୁ କେତେଜଣ SFSA ରେ ଅନ୍ତର୍ଭୁକ୍ତ ହେଲେ, ସେ ଦୃଷ୍ଟିରୁ ଆଉ କେତେଜଣ NFSA ଯୋଜନାରେ ନୂଆକରି ଖାଦ୍ୟପଦାର୍ଥ ପାଇପାରିବେ ସରକାରଙ୍କର ଏଦିଗରେ ପଦକ୍ଷେପ କଣ?

----

## ମାଛଚାଷ ଓ ଖିର ଉତ୍ପାଦନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା

4873 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବାଲେଶ୍ୱର ଜିଲ୍ଲା ମାଛଚାଷ ଓ କ୍ଷୀର ଉତ୍ପାଦନରେ ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲା ଭାବରେ ପରିଗଣିତ ହେଉଥିବାରୁ ଅଧିକ ମାଛ ଚାଷ ଓ କ୍ଷୀର ଉତ୍ପାଦନ ସକାଶେ ସରକାରଙ୍କର ନିମନ୍ତେ ସରକାରଙ୍କର ସ୍ୱତନ୍ତ୍ର ବ୍ୟବସ୍ଥା କଣ, କ୍ଷୀର ପାଇଁ ନୂଆ ଚିଲିଂ ପ୍ଲାଣ୍ଟ ସରକାର ପ୍ରତିଷ୍ଠା କରିବାକୁ କି ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି?

----

## ଶ୍ରୀ ପଦ୍ଧତିରେ ଅଧିକ ଧାନ ଚାଷ

4874 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଭଦ୍ରକ ଜିଲ୍ଲାରେ ବିଗତ ତିନି ବର୍ଷରେ କେଉଁ ବ୍ଲକରେ କେତେ ପରିମାଣ ଜମିରେ 'ଶ୍ରୀ' ପଦ୍ଧତିରେ ଧାନଚାଷ ହୋଇଛି, ପ୍ରକାଶ କରି ଜିଲ୍ଲାରେ 'ଶ୍ରୀ' ପଦ୍ଧତିରେ ଅଧିକ ଧାନ ଚାଷ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମତ୍ସ୍ୟଜିବୀଙ୍କ କଲ୍ୟାଣ ପାଇଁ ପଦକ୍ଷେପ

4875 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ)ः**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଭଦ୍ରକ ଜିଲ୍ଲାରେ କେତେଜଣ ମତ୍ସ୍ୟଜିବୀ ଓ ମତ୍ସ୍ୟ ଉଦ୍ୟୋଗୀଙ୍କୁ ବିଗତ ତିନି ବର୍ଷରେ ମାଛଧରା ଟ୍ରଲର, ଡଙ୍ଗା, ବୋଟ୍, ଜାଲ ଓ ଆନୁସଙ୍ଗିକ ଭିତ୍ତିଭୂମି ପାଇଁ କେତେ ଋଣ ଓ ସବ୍‌ସିଡି ଯୋଗାଇ ଦିଆଯାଇଛି, ତାହା ଦର୍ଶାଇ ଜିଲ୍ଲାରେ ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଓଡ଼ିଶାରୁ ଅରୁଆ ଚାଉଳ ରପ୍ତାନୀ

4876 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ः**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଓଡିଶାର ଖାଉଟିମାନଙ୍କ ପାଇଁ ଅରୁଆ ଚାଉଳର ଆବଶ୍ୟକତା କେତେ ରହିଛି ଏବଂ ବାର୍ଷିକ କେତେ ପରିମାଣର ଅରୁଆ ଚାଉଳ ଅନ୍ୟ ରାଜ୍ୟରୁ ଓଡିଶାକୁ ଆସୁଛି ; କେଉଁ କେଉଁ ରାଜ୍ୟରୁ କେତେ ପରିମାଣରେ ଅରୁଆ ଚାଉଳ ଓଡିଶାକୁ ଆସୁଛି ଏବଂ ଓଡିଶାରୁ କେତେ ପରିମାଣରେ ଅରୁଆ ଚାଉଳ କେଉଁ ରାଜ୍ୟକୁ ରପ୍ତାନି ହେଉଛି ?

----

## ଅଣ୍ଡାବାହାର ରାଜ୍ୟକୁ ରପ୍ତାନୀ

4877 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ः**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟରେ କେତେ ସଂଖ୍ୟକ ଅଣ୍ଡା ଉତ୍ପାଦନ କୁକୁଡା ଫାର୍ମ ରହିଛି ଏବଂ ଏଥିରୁ କେତେ ପରିମାଣର ଅଣ୍ଡା ଉତ୍ପାଦନ ହେଉଛି ; ଉତ୍ପାଦିତ ଅଣ୍ଡା ମଧ୍ୟରୁ କେତେ ପରିମାଣର ଅଣ୍ଡା ରାଜ୍ୟରେ ବିନିଯୋଗ ହେଉଛି ଏବଂ କେତେ ପରିମାଣର ଅଣ୍ଡା ରାଜ୍ୟ ତଥା ଦେଶ ବାହାରକୁ ରପ୍ତାନି ହେଉଛି ; ରାଜ୍ୟର ଅଣ୍ଡା ଚାହିଦା କେତେ ରହିଛି ଓ ଚାହିଦା ମେଣ୍ଟାଇବାପାଇଁ ଓଡିଶା କେଉଁ କେଉଁ ରାଜ୍ୟରୁ କେତେ ପରିମାଣରେ ଅଣ୍ଡା ଆମଦାନି କରୁଛି ?

----

## ଡ଼ାଲି ଉତ୍ପାଦନ ବୃଦ୍ଧି

**4878 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ଓଡିଶାରେ ଡାଲିର ଚାହିଦା ଏବଂ କେତେ ଉତ୍ପାଦନ ହେଉଛି ; ଚଳିତ ରବି ଋତୁରେ ରାଜ୍ୟ ଓ ବଡ଼ଚଣା ବ୍ଲକର କେତେ ହେକ୍ଟର ଜମିରେ ଡାଲି ଚାଷ ହେଉଛି ; ଧାନ ପରବର୍ତ୍ତେ ପଡ଼ିଆ ଜମିର ପରିଚାଳନା କରି ଡାଲି ଉତ୍ପାଦନ ବୃଦ୍ଧି କରିବାକୁ ସରକାର ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି କି ;ଯଦି 'ହଁ', ତେବେ ବଡ଼ଚଣା ବ୍ଲକର କେତେ ଚାଷୀ, ଚଳିତ ରବି ଋତୁରେ କେତେ ଟଙ୍କାର ସହାୟତା ରାଶି ପାଇବାକୁ ଯୋଗ୍ୟ ହୋଇଛନ୍ତି ?

----

## ଚାଷୀଙ୍କୁ ଆତ୍ମନିର୍ଭରଶୀଳ ପାଇଁ ଉପଯୁକ୍ତ ଟ୍ରେନିଂ ଦେବା

**4879 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟ ସରକାର କଫି, ଆଖୁ, ମକ୍କା, ମାଣ୍ଡିଆ, ଏବଂ ସମସ୍ତ ପ୍ରକାର ଡ଼ାଲିଜାତୀୟ ଫସଲ ଚାଷ ପାଇଁ ଅଗ୍ରାଧିକାର ଭିତ୍ତିରେ ଚାଷୀମାନଙ୍କୁ, ବିହନ, କୃଷି ଉପକରଣ, ସାର ଓ ମାଟିର ପରୀକ୍ଷା ନିରୀକ୍ଷା ତଥ୍ୟ ପ୍ରଦାନ କରିବା ସହିତ ଅନ୍ୟ ରାଜ୍ୟ ଉପରେ ଯେଉଁସବୁ କୃଷିଜାତ ଦ୍ରବ୍ୟ ଉପରେ ଓଡ଼ିଆ ନିର୍ଭର କରିବାକୁ ବାଧ୍ୟ ହେଉଛି ସେହିସବୁ ଚାଷ କରି ଆତ୍ମନିର୍ଭରଶୀଳ ହେବା ପାଇଁ ଚାଷୀମାନଙ୍କୁ ଉପଯୁକ୍ତି ଟ୍ରେନିଂ, ପ୍ରୋତ୍ସାହନ, ସହଜରେ ଉପଲବ୍ଧ ହେଉଥିବା ଋଣ ଓ ବଜାର ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବେ କି ?

----

## ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ବଜେଟ ଆକଳନ

**4880 ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର)ː**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ୨୪ -୨୫ ରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପାଇଁ ବଜେଟ ଆକଳନ କେତେ ହୋଇଅଛି; ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ କେତେ ହୋଇଛି , ୨୦୨୫ - ୨୦୨୬ ରେ ଉକ୍ତ ବିଭାଗ ପାଇଁ କେତେ ବଜେଟ ରେ(BE) ଆକଳନ ହୋଇଛି ଏବଂ Growth Rate କେତେ ଅଛି ?

----

## ଏପିକଲ ମାଧ୍ୟମରେ ଚାଷୀ ଚୟନ

4881 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅର୍ନ୍ତଗତ ଏପିକଲ୍ ମାଧ୍ୟମରେ ବଲାଙ୍ଗିର ଜିଲ୍ଲା ଓ ବିଶେଷକରି ତୁରେକେଲା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକରୁ କେଉଁ ପ୍ରକଳ୍ପ ପାଇଁ କେତେ ଜଣ ଚାଷୀଙ୍କୁ ଚୟନ କରିବାକୁ ଟାର୍ଗେଟ ଦିଆଯାଇଥିଲା ଏବଂ କେତେ ଜଣ ଚାଷୀ ଆବେଦନ କରିଥିଲେ ; (ଖ) ସେମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ଜଣ ଚାଷୀଙ୍କୁ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ଚୟନ କରାଯାଇ ଆର୍ଥିକ ସହାୟତା ଓ ସବ୍‌ସିଡି ପ୍ରଦାନ କରାଯାଇଛି ତଥା କେତେଜଣ ଚାଷୀଙ୍କ ଆବେଦନ ପତ୍ର ବିଚାରାଧିନ ଅଛି, ସେଗୁଡିକର ବର୍ତ୍ତମାନ ସ୍ଥିତି କଣ, ତାହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେକି ?

----

## ବସ୍ତା ନିର୍ବାଚନ ମଣ୍ଡଳୀରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା

4882 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତା ନିର୍ବାଚନମଣ୍ଡଳୀରେ ଏକ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଏକ ପ୍ରସ୍ତାବ ଦେବେ କି; (ଖ) ଯଦି ଦେବେ, କେବେ ସୁଦ୍ଧା ଏହି ପ୍ରସ୍ତାବ ଦିଆଯିବ?

----

## ଚାଷକାର୍ଯ୍ୟ ପାଇଁ ଜଳାଶୟ ନିର୍ମାଣ

4883 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲା, ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ପହିରାଜୁ ପଞ୍ଚାୟତର ସେଣିସୁଗା, କ୍ଲାବାସିଂ, ତରକଡି, କୁସୁପାଜୁ ଏବଂ ରାଞ୍ଜାପଦରଠାରେ ଚାଷ କାର୍ଯ୍ୟ ପାଇଁ ବୃହତ ଜଳାଶୟ ନିର୍ମାଣ କରିବାର ଆବଶ୍ୟକତା ରହିଛି; ଏହି ସବୁ ଜଳାଶୟ ନିର୍ମାଣ ପାଇଁ କିଛି ଯୋଜନା ପ୍ରସ୍ତୁତ କରିବେ କି ?

----

## Vesting Order ଅନୁସାରେ ନିରନ୍ତର ବିଜୁଳି ଯୋଗାଣ

4884 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) OERCର Vesting Order ଅନୁସାରେ TPCODLର ଲାଇସେନ୍ସ ସମ୍ପର୍କିତ ସମୀକ୍ଷା ୫ବର୍ଷ ପୂର୍ବରୁ କେବେ କରିବା ପାଇଁ ଧାର୍ଯ୍ୟ କରାଯାଇଛି ଏବଂ TPCODL ପାଇଁ କେଉଁ ମାନଦଣ୍ଡ ସ୍ଥିର ହୋଇଥିଲା, ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି; ଏବଂ (ଖ) Vesting order ଅନୁସାରେ ମାନବସମ୍ବଳ O & M ପରି ଉପଭୋକ୍ତାଙ୍କୁ ନିରନ୍ତର ବିଜୁଳି ଯୋଗାଣ, ଭିତ୍ତିଭୂମି ସୁଦୃଢ଼ୀକରଣ ଆଦି ସମସ୍ତ ପାରାମିଟରରେ TPCODL କେତେ କର୍ମଚାରୀଙ୍କୁ ନିଯୁକ୍ତି କରିଛି; ଏ ବାବଦରେ ପ୍ରାରମ୍ଭରୁ ଅଦ୍ୟାବଧି କେତେ ଅର୍ଥ ବ୍ୟୟ ହୋଇଛି ତା'ର ବର୍ଷଓ୍ୱାରୀ ବିବରଣୀ ପ୍ରଦାନକରିବା ସହ, Vesting order ଅନୁସାରେ ଏହି ସମସ୍ତ ଅର୍ଥ ଓ ମାନବ ସମ୍ବଳ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ରହିଛି ନା ଅତିକ୍ରମ କରାଯାଇଛି; ଯଦି ନିୟମ ବର୍ହିଭୁତ କରିଛି ତେବେ OERC ପକ୍ଷରୁ TPCODL ଉପରେ କି ପଦକ୍ଷେପ ଗ୍ରହଣ କରାଯାଇଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## କୃଷକମାନଙ୍କୁ ବୀମାଭୁକ୍ତ

4885 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କୃଷକ ଓ କୃଷକ ପରିବାରମାନଙ୍କୁ ବୀମାଭୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଗୋପାଳନ ଓ ଦୁଗ୍ଧଚାଷ ମାଧ୍ୟମରେ ଆତ୍ମନିଯୁକ୍ତି

4886 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ ଦୁଗ୍ଧ ଚାଷ ଓ ଗୋପାଳନ ମାଧ୍ୟମରେ କେତେ ଶତାଂଶ ବ୍ୟକ୍ତି ଆତ୍ମନିଯୁକ୍ତିର ସୁଯୋଗ ପାଇଛନ୍ତି, ପ୍ରକାଶ କରି ଗୋପାଳନ ଓ ଦୁଗ୍ଧଚାଷ ମାଧ୍ୟମରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଚାଷୀଙ୍କୁ କୃଷି ଋଣ ଓ ସବସିଡ ପ୍ରଦାନ

4887 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ କୃଷି ନୀତି ଅନୁଯାୟୀ ବିଗତ ତିନି ବର୍ଷରେ କେଉଁ ବ୍ଲକର କେତେକଣ ଚାଷୀଙ୍କୁ କେତେ ଋଣ ଓ ସବସିଡି ଯୋଗାଇ ଦିଆଯାଇଛି, ତାହାର ବିବରଣୀ ପ୍ରଦାନ ସହ ଅଧିକ ଚାଷୀଙ୍କୁ ସହଯୋଗ ଯୋଗାଇ ଦେବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ସମୟସୀମା ଭିତରେ ସମସ୍ତ ଗ୍ରାମକୁ ବିଦ୍ୟୁତ କରଣ

4888 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ଓଡିଶାରେ ସମୁଦାୟ କେତୋଟି ପଡା ଗ୍ରାମ ବିଦ୍ୟୁତ କରଣ ହେବା ପାଇଁ ବାକି ରହିଛି, ତାହାର ଜିଲ୍ଲା ୱାରୀ ବିବରଣୀ ପ୍ରଦାନ କରିବେ କି, କେତୋଟି PVTG ପଡାଗ୍ରାମ ବିଦ୍ୟୁତ କରଣ ହୋଇ ନାହିଁ ? ଏହାର ଜିଲ୍ଲା ୱାରୀ ବିବରଣୀ ପ୍ରଦାନ କରିବେ କି, କୋଟିଆ ଗ୍ରାମପୁଞ୍ଜର କେତୋଟି ଗାଁ ବିଦ୍ୟୁତ କରଣ ହେବା ପାଇଁ ବାକି ରହିଛି ତାହାର ତାଲିକା ପ୍ରଦାନ କରିବେ କି, ଉପଭୋକ୍ତା ସମସ୍ତ ପଡା ଗ୍ରାମର କେବେ ସୁଦ୍ଧା ବିଦ୍ୟୁତ କରଣ ଶେଷ ହେବ, ଏବଂ ଏଥିପାଇଁ କେତେ ଅର୍ଥ ବ୍ୟୟ ହେବ, ତାହାର ବିବରଣୀ ପ୍ରଦାନ କିରବେ କି ?

----

## ଅତାବିରା ଅଞ୍ଚଳର ଥିବା ଫର୍ଟିଲାଇଜର ଦୋକାନ

4889 **ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅତାବିରା ବିଧାନସଭା ଅଞ୍ଚଳରେ କେତେ ଫର୍ଟିଲାଇଜର ଏବଂ ପେଷ୍ଟିସାଇଡ ଲାଇସେନ୍ସଧାରୀ ଦୋକାନ ଅଛି, ଅନେକ ଦୋକାନରେ ନକଲି ଫର୍ଟିଲାଇଜର ଏବଂ ପେଷ୍ଟିସାଇଡ କଳାବାଜାରି ହେବାର ଅଭିଯୋଗ ହେଉଛି, କେତେ ଦିନ ବ୍ୟବଧାନରେ ଲାବ ଟେଷ୍ଟ ହେଉଛି ଏବଂ କେତେ ଦୋକାନରେ କଳାବାଜାରି ପାଇଁ ଫାଇନ୍ କଟାଯାଇଛି, ଏହାର ସମ୍ପୁର୍ଣ୍ଣ ତଥ୍ୟ ଦେବେ କି ?

----

## ସ୍ମାର୍ଟ ମିଟରକୁ ସମ୍ପୂର୍ଣ୍ଣ ଉଚ୍ଛେଦ

4890 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ ) ଦେବଗଡ ଜିଲ୍ଲାରେ ସମୁଦାୟ ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା କେତେ ପଞ୍ଚାୟତୱାରି ତଥ୍ୟ ପ୍ରଦାନ କରିବେ କି, (ଖ) ଏବଂ କେତେ ଜଣ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ସଂଯୋଗ କରାଯାଇଅଛି ତାର ପଞ୍ଚାୟତ ୱାରି ତଥ୍ୟ ପ୍ରଦାନ କରିବେ କି, ସ୍ମାର୍ଟ ମିଟର ସମ୍ପୂର୍ଣ ଉଚ୍ଛେଦ କରିବାର ବ୍ୟବସ୍ଥା କରିବେ କି ?

----

## OPTCL କାର୍ଯ୍ୟରତ କର୍ମଚାରୀ ଙ୍କ କ୍ୟାଡର ପୁନଃଗଠନ

4891 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମସ୍ତ ବିଦ୍ୟୁତ ବିତରଣ ସଂସ୍ଥା ମାନଙ୍କର (Discovers) କ୍ୟାଡ଼ର ପୁନଃଗଠନ ପୂର୍ବରୁ କାର୍ଯ୍ୟକାରୀ ହୋଇସାରିଛି କି ; ଯଦି ହଁ ତେବେ OPTCL ର କ୍ୟାଡ଼ର ପୁନଃ ଗଠନକୁ ବିତରଣ ସଂସ୍ଥା ( Discovers) ମାନଙ୍କ ସହ ସମାନ ଅନୁପାତରେ ନେବା ପାଇଁ କୌଣସି ପ୍ରସ୍ତାବ ଅଛି କି ?

----

## ଚାଷୀଙ୍କୁ Pension ଦେବା

4892 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ପା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୃଷି ଓ କୃଷକ ସଶକ୍ତିକରଣ ନିମନ୍ତେ ରାଜ୍ୟରେ ପଞ୍ଜିକୃତ ଚାଷୀ, ନାମକୁ ମାତ୍ର ଚାଷୀ, କ୍ଷୁଦ୍ର ଚାଷୀ, ଭାଗ ଚାଷୀ କେତେ ପଞ୍ଜିକୃତ ହୋଇଛନ୍ତି, ଚାଷୀଙ୍କ Pension, Prestige ଏବଂ price ଦେବାପାଇଁ ଚାଷୀମାନେ ଦାବୀ କରିଆସୁଥିବା ବେଳେ ସେମାନଙ୍କ ଦାବୀକୁ ଗ୍ରହଣ କରିବାକୁ ବିଚାର କରୁଛନ୍ତି କି ?

----

## କୃଷକ ସାଥି ମାନଙ୍କ ମାସିକ ପ୍ରାପ୍ୟ ବୃଦ୍ଧି

**4893 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ଦିନରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା କୃଷକ ସାଥି ମାନଙ୍କ ସଂଖ୍ୟା କେତେ, ଏବଂ ସରକାରଙ୍କ ତରଫରୁ ସେମାନଙ୍କୁ ଦିଆଯାଉଥିବା ମାସିକ 1000 ପ୍ରାପ୍ୟରେ ଆଜିର ଦିନରେ ପରିବାର ଚଳାଇବା କଷ୍ଟକର ହେଉଥିବା କଥା ସରକାରଙ୍କର ଦୃଷ୍ଟିକୁ ଆସିଛି କି, ଯଦି ଆସିଥାଏ, ତେବେ ନିକଟ ଭବିଷ୍ୟତରେ କୃଷକ ସାଥି ମାନଙ୍କୁ ଦିଆ ଯାଉଥିବା କୃଷକ ମାସିକ ପ୍ରାପ୍ୟ ବୃଦ୍ଧି କରିବା ପାଇଁ ସରକାର କିଛି ଲକ୍ଷ୍ୟ ରଖିଛନ୍ତି କି ?

----

## ଜୈବିକ ଉପାୟରେ ଚାଷ କରିବା

**4894 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟ ସରକାର କେତେ ଥର କେଉଁ କେଉଁ ବର୍ଷ କେଉଁ କୃଷି ଉତ୍ପାଦନ ପାଇଁ କୃଷି କର୍ମଣ ପୁରସ୍କାର ପାଇଛନ୍ତି, କେଉଁ କେଉଁ କୃଷି ଉତ୍ପାଦନରେ ସରକାର ସ୍ୱାବଲମ୍ବୀ ହୋଇଛନ୍ତି ଏହା ଉପରେ ଏକ ବିସ୍ତୃତ ବିବରଣୀ ରଖିବେ କି, ଦେଶରେ ବିଭିନ୍ନ କୃଷି ଉତ୍ପାଦନ ହେଉଥିବା ହାରରେ ଓଡିଶାର ସ୍ଥାନ କେତେ, କୃଷି ଉତ୍ପାଦନ କ୍ଷେତ୍ରରେ କ ତଥା ଖ ବର୍ଗରେ ରହିଛି ଜଣାଇବେ କି, କୃଷି ଉତ୍ପାଦନ ୱାରୀ ତାଲିକା ପ୍ରଦାନ କରିବେ କି, ସେହିପରି ଦେଶରେ ସାର ଏବଂ କୀଟନାଶକ ବ୍ୟବହାରରେ ଅନ୍ୟ ରାଜ୍ୟ ତୁଳନାରେ ଓଡିଶାର ସ୍ଥାନ କେତେ, ଏବଂ ଚାଷୀ ମାନେ ଜୈବିକ ଉପାୟରେ ଚାଷ କରିବା ପାଇଁ କ'ଣ କ'ଣ ଯୋଜନା ରାଜ୍ୟ ସରକାର କରିଛନ୍ତି ?

----

## ଷଣ୍ଢ ମାନଙ୍କୁ ସୁରକ୍ଷା ରଖିବା ନିମନ୍ତେ ପଦକ୍ଷେପ

**4895 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବୁଲା ଷଣ୍ଢମାନେ ଫସଲ ନଷ୍ଟ କରିବା ସହ ରାତିରେ ରାସ୍ତାଘାଟରେ ଶୋଇବା ଯୋଗୁଁ ରାସ୍ତା ଦୁର୍ଘଟଣା ହେଉଥିବା ଓ କିଛି ଦୁର୍ବୃତ୍ତ ଏହି ଷଣ୍ଢମାନଙ୍କୁ ଉଠାଇ ନେଇ କଂସେଇଖାନାରେ ହତ୍ୟା କରୁଥିବା ଓ ବାହାର ରାଜ୍ୟକୁ ଚାଲାଣ କରୁଥିବା ଅଭିଯୋଗ ପରିପ୍ରେକ୍ଷୀରେ ଷଣ୍ଢମାନଙ୍କୁ ସୁରକ୍ଷିତ ରଖିବା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମହିମା ଟୁଙ୍ଗି ଓ ଆଶ୍ରମ ମାନଙ୍କରେ ଟଙ୍କିକିଆ ଚାଉଳ ଯୋଗଣ

4896 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ମହିମା ଟୁଙ୍ଗୀ ଓ ଆଶ୍ରମ ମାନଙ୍କରେ ଥିବା ସାଧୁ ସନ୍ୟାସୀ ମାନଙ୍କୁ ଟଙ୍କିକିଆ ଚାଉଳ ଯୋଗାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସମସ୍ତ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ

4897 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେତେଗୋଟି ରାଜସ୍ୱ ଗ୍ରାମ, ପଡା ଗ୍ରାମ ଓ ପରିବାରକୁ ବିଦ୍ୟୁତ୍ ଯୋଗାଣ କରାଯାଇନାହିଁ ତାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ; ଉକ୍ତ ସମସ୍ତ ଗ୍ରାମ ଓ ପରିବାରକୁ ବିଦ୍ୟୁତ ଯୋଗାଣ ପାଇଁ ସରକାରଙ୍କ ଯୋଜନା କଣ ଓ କେବେସୁଦ୍ଧା ଯୋଗାଇଦେବେ ?

----

## ଫସଲ ହାନୀ ଯୋଗୁଁ ଚାଷୀ ଆତ୍ମ ହତ୍ୟା

4898 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ 10 ବର୍ଷ ମଧ୍ୟରେ ରାଜ୍ୟରେ କେତେ ଚାଷୀ ଫସଲ ଜନିତ ହାନୀ ଯୋଗୁଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି, ଏ ଦିଗରେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ମଣ୍ଡିରୁ ମିଲକୁ ନେବା ପାଇଁ Transporting ଖର୍ଚ୍ଚ

4899 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରତି 1 କ୍ୱିଣ୍ଟାଲ ଧାନକୁ ମଣ୍ଡିରୁ ମିଲ୍ କୁ ନେବା ପାଇଁ transporting ଖର୍ଚ୍ଚ କେତେ ହୁଏ, ସେ ବାବଦରେ handling ଖର୍ଚ୍ଚ କେତେହୁଏ, ଧାନ ନେବାରେ Gunny depretiation ପାଇଁ କେତେ ଖର୍ଚ୍ଚ ହୁଏ ଏବଂ ଏହି ସମୁଦାୟ ଖର୍ଚ୍ଚ Millers ମାନଙ୍କ ଜରିଆରେ ହଉଥିବା କଥା ସତ୍ୟ କି ?

----

## ଚାଷୀମାନଙ୍କ ଠାରୁ ଧାନ କିଣିବା

4900 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ଚଳିତ ଖରିଫ ଋତୁରେ ଚାଷୀମାଙ୍କ ଠାରୁ କେତେ ପରିମାଣରେ ଧାନ କିଣିବାକୁ ସ୍ଥିର କରିଥିଲେ, କେତେ ଜଣ ଚାଷୀଙ୍କୁ ଟୋକନ ଦେଇଛନ୍ତି, କେତୋଟି ମଣ୍ଡିରେ ଧାନ କିଣିବାକୁ କେତେ ମିଲରମାନଙ୍କ ପାଖରେ ଧାନ ଗଚ୍ଛିତ କରିବାକୁ ଅନୁମତି ପ୍ରଦାନ କରିଥିଲେ, ଆଜି ପର୍ଯ୍ୟନ୍ତ କେତେ ଜଣ ଚାଷୀଙ୍କ ଠାରୁ କେତେ ଧାନ କିଣିଛନ୍ତି ସେ ବାବଦକୁ MSP ଦର ଓ Input Subsidy କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ମିଶାଇ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, ଅଧିକ କେତେ ଚାଷୀ ଧାନ ବିକିବାକୁ ଅପେକ୍ଷା କରିଛନ୍ତି, କେତେ ଜଣଙ୍କ ଟୋକନ ଅବଧି ବଢାଯାଇଛି, କେତୋଟି ମଣ୍ଡିରେ Grain Analyser (ଆନାଲାଇଜର) ମେସିନ ଲାଗିଛି କେତେ ମଣ୍ଡିରେ Grain Analyser ମେସିନ ନାହିଁ ?

----

## ଖାଦ୍ୟ ସାମଗ୍ରୀର ଦରଦାମ୍ ନିୟନ୍ତ୍ରଣ ରଖିବା

4901 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳତ ଆର୍ଥିକ ବର୍ଷରେ ରାଜ୍ୟରେ ଖାଦ୍ୟ ସାମଗ୍ରୀର ଦର ପୂର୍ବ ବର୍ଷ ଠାରୁ କେତେ ବଢିଛି ନା କମିଛି ନା ସ୍ଥିର ରହିଛି ଏବଂ ଜାତୀୟ ହାର ସହ ଓଡ଼ିଶାର ତୁଳନାତ୍ମକ ସ୍ଥିତି କଣ ; ଦରଦାମ୍ କୁ ନିୟନ୍ତ୍ରଣରେ ରଖିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଉଛନ୍ତି ?

----

## Industrial Estate ନିର୍ମାଣ କରିବାକୁ ପ୍ରସ୍ତାବ

4902 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ କେତୋଟି Industrial Estate କେଉଁ ସ୍ଥାନରେ ରହିଛି, ସେ ସବୁରେ କେତୋଟି କେଉଁ ଧରଣର ଶିଳ୍ପ ଉତ୍ପାଦନକ୍ଷମ ଅଛନ୍ତି ଓ କେତୋଟି ଶିଳ୍ପ ବନ୍ଦ ରହିଛି ତଥା କେତୋଟି Set ବା ଶିଳ୍ପ ପ୍ଲଟ୍ ଖାଲି ପଡ଼ିଛି ଏବଂ Industrial Estate ଗୁଡିକର ବାର୍ଷିକ କାରବାର କେତେ ଟଙ୍କାରେ ପହଞ୍ଚିଲାଣି ଓ ତାର ବାର୍ଷିକ ବୃଦ୍ଧି ବା ହ୍ରାସ ହାର କେତେ, ଏବଂ ସବୁ Estate ରେ କେତେ ଲୋକ ନିଯୁକ୍ତି ପାଇଛନ୍ତି ସରକାର ଆଉ କେତୋଟି Industrial Estate କୁ ନିର୍ମାଣ କରିବାକୁ ବିଚାର କରୁଛନ୍ତି ଏବଂ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## କ୍ଲଷ୍ଟର ଦ୍ୱାରା କର୍ମନିଯୁକ୍ତି

4903 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ କେତୋଟି କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ପାରମ୍ପାରିକ ଶିଳ୍ପ କ୍ଲଷ୍ଟର ପ୍ରତିଷ୍ଠା ହୋଇଛି, ଏହି ସବୁ କ୍ଲଷ୍ଟରରେ ମୋଟ କେତେ ଜଣ କର୍ମନିଯୁକ୍ତି ପାଇଛନ୍ତି, ଏହି ସବୁ କ୍ଲଷ୍ଟର ଗୁଡିକୁ ଠିକ ସମୟରେ ଅନୁଦାନ ମିଳୁନଥିବାରୁ ସେମାନେ ଅସୁବିଧାର ସମ୍ମୁଖିନ ହେଉଥିବା ବିଷୟରେ ନଜରକୁ ଆସିଛି କି ?

----

## କେନ୍ଦୁଝର ସହରରେ ବିଜ୍ଞାନ ପାର୍କ ପ୍ରତିଷ୍ଠା

4904 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ସହରରେ ବିଜ୍ଞାନ ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଖଦୀ ଓ କୁଟୀର ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି

4905 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ଖଦୀ ଓ କୁଟୀର ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି?

----

## ଉତ୍ପାଦିତ ସାମଗ୍ରୀର ବଜାର ବ୍ୟବସ୍ଥା

4906 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ସହ ରାଜ୍ୟର କେଉଁ ଜିଲ୍ଲାରେ କେତେ ବ୍ୟକ୍ତି ହସ୍ତଶିଳ୍ପ, ପ୍ରସ୍ତର ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତିର ସୁଯୋଗ ପାଉଛନ୍ତି ; ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବଜାର ବ୍ୟବସ୍ଥା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କେନ୍ଦୁଝର ଜିଲ୍ଲାରେ ଛାତରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ

4907 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ କେଉଁ ବ୍ଲକ ଓ ପୌର ସଂସ୍ଥାରେ କେତେ ବ୍ୟକ୍ତି ନିଜ ଛାତରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି ଓ ବିଗତ ତିନି ବର୍ଷରେ କେତେ ବିଦ୍ୟୁତ୍ ଉତ୍ପାଦନ କରି କେତେ ବ୍ୟବହାର କରିଥିବା ବେଳେ କେତେ ବିକ୍ରୟ କରିଛନ୍ତି, ଜିଲ୍ଲାରେ ଘରୋଇ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଅଚଳ ଅବସ୍ଥାରେ ଥିବା ସମବାୟ ସଂସ୍ଥା

4908 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେଉଁ କେଉଁ ସମବାୟ ସଂସ୍ଥା କେବେଠାରୁ ଅଚଳ ଅବସ୍ଥାରେ ଅଛି ଓ ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ସମ୍ପାଦକମାନଙ୍କ ବେତନ ବୃଦ୍ଧି

4909 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରାଥମିକ ସେବା ସମବାୟ ସମିତିରେ କାର୍ଯ୍ୟରତ ସମ୍ପାଦକମାନଙ୍କ ବେତନ ବୃଦ୍ଧି ସହ ସେମାନଙ୍କ ସାମାଜିକ ନିରାପତ୍ତା ଯୋଜନାରେ ସୁବିଧା ଦେବାକୁ କି ପଦକ୍ଷେପ ନିଆଯାଉଛି?

----

## ସୌରଶକ୍ତି ଉତ୍ପାଦନକାରୀଙ୍କ କଲ୍ୟାଣ

4910 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସୌରଶକ୍ତି ମାଧ୍ୟମରେ ଘରୋଇ ଉପଭୋକ୍ତାମାନେ ଉତ୍ପାଦନ କରୁଥିବା ବିଦ୍ୟୁତଶକ୍ତି ମାର୍ଚ୍ଚ ମାସ ଶେଷରେ ଗ୍ରୀଡକୋକୁ ବିକ୍ରୟ କରିବାକୁ କି ନିୟମ ଅଛି ; ରାଜ୍ୟର ସୌରଶକ୍ତି ଉତ୍ପାଦନକାରୀଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ନିଆଯାଉଛି?

----

## ନକଲି ବସ୍ତ୍ର ବିକ୍ରୟ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

4911 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ହସ୍ତତନ୍ତ ଓ ସମ୍ବଲପୁରୀ ବସ୍ତ୍ରର ଅବିକଳ ନକଲି ବସ୍ତ୍ର ବଜାରରେ ବିକ୍ରୟ ଯୋଗୁଁ ହସ୍ତତନ୍ତ ଓ ସମ୍ବଲପୁରୀ ବସ୍ତ୍ର ବିକ୍ରୟ ବାଧାପ୍ରାପ୍ତ ହେଉଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ; ଉତ୍ତର ହଁ ହେଲେ ବଜାରରେ ଚଢାଉ କରି ନକଲି ବସ୍ତ୍ର ବିକ୍ରୟ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି?

----

## ଉତ୍କଳିକା କର୍ମଚାରୀଙ୍କ ବେତନ ବୃଦ୍ଧି

4912 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉତ୍କଳିକାରେ କେତେଜଣ ନିୟମିତ କର୍ମଚାରୀ ଅଛନ୍ତି, ସେମାନଙ୍କୁ କେଉଁ ବେତନ କମିଶନ ସୁପାରିଶ ଆଧାରରେ ବେତନ ପ୍ରଦାନ କରାଯାଉଛି ; ବଜାର ଦର ବୃଦ୍ଧି ପରିପ୍ରେକ୍ଷୀରେ ସେମାନଙ୍କ ବେତନ ବୃଦ୍ଧି ସହ ସେମାନଙ୍କୁ ପେନସନ୍ ଓ ଅନ୍ୟ ଅବସରକାଳୀନ ସୁବିଧା ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## Bio-Diesel ଉତ୍ପାଦନ ପାଇଁ ପ୍ରସ୍ତାବ

4913 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Bio-Diesel ଉତ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ନୂତନ କାର୍ଯ୍ୟକ୍ରମର ବିବରଣୀ

4914 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଠାଣିସାମନ୍ତ ପ୍ଲାନେଟୋରିୟମରେ ବିଗତ ତିନି ବର୍ଷରେ କି କି ନୂତନ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ପ୍ରଦର୍ଶନ କରାଯାଇଛି ?

----

## ଉଦ୍ୟୋଗ ମାଧ୍ୟମରେ ମହିଳାଙ୍କୁ ଆତ୍ମନିଯୁକ୍ତି

4915 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାଧ୍ୟମରେ କେଉଁ ଜିଲ୍ଲାରେ କେତେ ମହିଳାଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ କରାଯାଇଛି ?

----

## ପୋଷାକ ତିଆରି ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି

4916 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପୋଷାକ ତିଆରି ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସବୁଜଶକ୍ତି ଉତ୍ପାଦନ

4917 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ ସବୁଜଶକ୍ତି ଉତ୍ପାଦନ ଭିତ୍ତିଭୂମି ଓ ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ନିଯୁକ୍ତି ନିମନ୍ତେ ସ୍ୱଚ୍ଛତା ଅବଲମ୍ବନ

4918 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମବାୟ ବ୍ୟାଙ୍କ ମାନଙ୍କରେ ନିଯୁକ୍ତି ନିମନ୍ତେ ସ୍ୱଚ୍ଛତା ଅବଲମ୍ବନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଖରିଫ୍ ଧାନ ଚାଷ ହୋଇଥିବା ଜମିର ପରିମାଣ

4919 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- 2024 ବର୍ଷରେ ଭୁବନେଶ୍ୱର ଓ ଜଟଣୀ ବ୍ଲକର କେଉଁ କେଉଁ ରାଜସ୍ୱ ମୌଜାରେ କେତେ ପରିମାଣ ଜମିରୁ କେତେ ଜମିରେ ଖରିଫ୍ ଧାନ ଚାଷ ହୋଇଛି ଓ କେତେ ଜମି ପଡିଆ ପଡିଛି?

----

## ଖୋର୍ଦ୍ଧା ଜିଲ୍ଲାରେ ହସ୍ତତନ୍ତର ବିକାଶ

4920 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଖୋର୍ଦ୍ଧା ଜିଲ୍ଲାରେ ହସ୍ତତନ୍ତ ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରି ହସ୍ତତନ୍ତର ବିକାଶ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଛାତରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନର ପରିମାଣ

4921 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଭୁବନେଶ୍ୱର ମହାନଗର ନିଗମ, ଜଟଣୀ, ଖୋର୍ଦ୍ଧା ପୌରପାଳିକା, ଜଟଣୀ, ଭୁବନେଶ୍ୱର, ଖୋର୍ଦ୍ଧା ଓ ବାଲିଅନ୍ତା ବ୍ଲକରେ କେତେ ପରିବାର ନିଜ ଛାତରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ବିକଶିତ କରି କେତେ ବିଦ୍ୟୁତ୍ ଉତ୍ପାଦନ କରିଛନ୍ତି ଓ ବିଗତ ତିନି ବର୍ଷରେ କେତେ ବିଦ୍ୟୁତ୍ ବିକ୍ରୟ କରିଛନ୍ତି ?

----

## ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡ଼ର ଜମିରେ ପ୍ରକଳ୍ପ ନିର୍ମାଣ

4922 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଭୁବନେଶ୍ୱର ଖାରବେଳନଗରଠାରେ ଓଡ଼ିଶା ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡ଼ର କେତେ ଜମି ଅଛି, ଏହି ଜମିରେ ବ୍ୟବସାୟୀକ ପ୍ରକଳ୍ପ ଓ ଖଦୀ ଭିତ୍ତିଭୂମି ଉନ୍ନୟନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଲାଭକ୍ଷତି

4923 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବିଗତ ତିନି ବର୍ଷର ଜମା ରାଶି, ଋଣ ଲଗାଣ, ଋଣ ଆଦାୟ ଓ ଲାଭକ୍ଷତି ବିବରଣୀ ଦର୍ଶାଇ ଏହି ବ୍ୟାଙ୍କକୁ ଲାଭଜନକ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଭଦ୍ରକ ଜିଲ୍ଲାରେ ଧାନ ଉତ୍ପାଦନ ବୃଦ୍ଧି

4924 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ବିଗତ ତିନି ବର୍ଷରେ ହେକ୍ଟର ପିଛା କେତେ ଧାନ ଉତ୍ପାଦିତ ହୋଇଛି, ତାହାର ବ୍ଲକୱାରୀ ତାଲିକା ଦର୍ଶାଇ ଜିଲ୍ଲାରେ ଧାନ ଉତ୍ପାଦନ ବୃଦ୍ଧି ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଭଦ୍ରକ ଜିଲ୍ଲାର ଗ୍ରାମ ଗୁଡ଼ିକୁ ପୂର୍ଣାଙ୍ଗ ବିଦ୍ୟୁତ୍‌କରଣ

4925 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମକୁ ବିଦ୍ୟୁତ୍ କରଣ କରାଯାଇନାହିଁ, ପ୍ରକାଶ କରି ଏହି ଗ୍ରାମ ଗୁଡ଼ିକୁ କେବେ ସୁଦ୍ଧା ପୂର୍ଣାଙ୍ଗ ବିଦ୍ୟୁତ୍‌କରଣ କରାଯିବ ?

----

## ଭଦ୍ରକ ଜିଲ୍ଲାରେ ଶିଳ୍ପାୟନ ମାଧ୍ୟମରେ ନିଯୁକ୍ତି ସୃଷ୍ଟି

4926 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ କ୍ଷୁଦ୍ରଶିଳ୍ପ ମାଧ୍ୟମରେ କେଉଁ ବ୍ଲକ ଓ ପୌର ସଂସ୍ଥାରେ କେତେ ଜଣଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ କରାଯାଇଛି, ପ୍ରକାଶ କରି ଜିଲ୍ଲାରେ କ୍ଷୁଦ୍ର ଶିଳ୍ପାୟନ ମାଧ୍ୟମରେ ଅଧିକ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଭଦ୍ରକ ଜିଲ୍ଲାରେ ହସ୍ତଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି

4927 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ହସ୍ତଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ଭଦ୍ରକ ଜିଲ୍ଲାରେ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ପ୍ରତିଷ୍ଠା

4928 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ ଦୁଗ୍ଧ ଉତ୍ପାଦିତ ହୋଇଛି, ପ୍ରକାଶ କରି ଜିଲ୍ଲାରେ ଓମ୍‌ଫେଡ୍ ତରଫରୁ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ବାଦ ଦିଆଯାଇଥିବା ହିତାଧିକାରୀଙ୍କ ତାଲିକା

**4929 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠଗଡ଼ ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକ୍‌ର କେଉଁ ପଞ୍ଚାୟତରେ ମୋଟ କେତେଜଣ ହିତାଧିକାରୀ NFSA & SFSS ଅଧୀନରେ ରାସନକାର୍ଡ ପାଉଥିଲେ ଏବଂ ଏହାଦ୍ୱାରା କେତେଜଣ ଉପକୃତ ହେଉଥିଲେ ଏବଂ ତନ୍ମଧ୍ୟରୁ ବର୍ତ୍ତମାନ କେଉଁ ପରିବାରର କେଉଁ ହିତାଧିକାରୀମାନଙ୍କୁ କେଉଁ କାରଣ ପାଇଁ ଏଥିରୁ ବାଦ ଦିଆଯାଇଛି ତାହାର ପଞ୍ଚାୟତୱାରୀ, ବ୍ଲକୱାରୀ ହିତାଧିକାରୀ ମାନଙ୍କର ସବିଶେଷ ତଥ୍ୟଭିତ୍ତିକ ଏକ ତାଲିକା ପ୍ରଦାନ କରିବେ କି, ଏବଂ ଅଦ୍ୟାବଧି କେଉଁ ବ୍ଲକ୍‌ର କେଉଁ ପଞ୍ଚାୟତର କେଉଁମାନେ ଏହି ରାସନ କାର୍ଡ ନିମନ୍ତେ ଆବେଦନ କରିଛନ୍ତି, ସେହି ଆବେଦନକାରୀମାନଙ୍କ ନାମ ପଞ୍ଚାୟତୱାରୀ ଓ ବ୍ଲକୱାରୀ ଏକ ତାଲିକା ପ୍ରଦାନ କରିବା ସହ ସେମାନଙ୍କୁ କେବେ ସୁଦ୍ଧା ଏଥିରେ ସାମିଲ କରାଯିବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ?

----

## ମଣ୍ଡିରେ ବିକ୍ରି କରିଥିବା ଧାନ ଚାଷୀଙ୍କ ବିବରଣୀ

**4930 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ଚଳିତ ବର୍ଷ ଖରିଫ୍ ଋତୁରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକ୍‌ରୁ କେତେ ପରିମାଣର ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା, ଅଦ୍ୟାବଧି କେତେଚାଷୀ ଓ କେତେ କ୍ୱିଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିଛନ୍ତି ତାର ବ୍ଲକ୍‌ୱାରୀ ପଞ୍ଚାୟତୱାରୀ ଚାଷୀମାନଙ୍କର ନାମ ସହ ସମସ୍ତ ବିବରଣୀ ପ୍ରଦାନ କରିବେ କି, ଏବଂ କେତେ ଧାନ କେଉଁ ମଣ୍ଡିରେ ଉଠି ପାରିଲାନାହିଁ ତାହା ଜଣାଇବା ସହ, ଖ) ଏମ୍.ଏସ୍.ପି ସହ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ରାଶି ପ୍ରଦାନ ହେଉଛି ଓ କେତେ ଚାଷୀଙ୍କୁ କେତେ ପରିମାଣର ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଇଛି ତାର ସମସ୍ତ ତଥ୍ୟ ବ୍ଲକୱାରୀ, ପଞ୍ଚାୟତୱାରୀ ଚାଷୀମାନଙ୍କର ନାମ ସହ ସମସ୍ତ ବିବରଣୀ ପ୍ରଦାନ କରିବେ କି ?

----

## ତଥ୍ୟ ଭିତ୍ତିକ ଚାଷୀମାନଙ୍କର ତାଲିକା

**4931 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ସର୍ବମୋଟ କେତେ ସଂଖ୍ୟକ ଚାଷୀ ଅଛନ୍ତି, ତନ୍ମଧ୍ୟରୁ ବଡ଼ଚାଷୀ, ମଧ୍ୟମ ଚାଷୀ, କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା କେତେ, ଏମାନେ କେତେ ଚାଷଜମି ଉପରେ ନିର୍ଭରଶୀଳ ଓ କେଉଁ ବ୍ଲକର କେତେ ଚାଷୀ କେଉଁ ଫସଲ କେତେ ଉତ୍ପାଦିତ କରନ୍ତି ତାର ବ୍ଲକ୍‌ୱାରୀ ପଞ୍ଚାୟତୱାରୀ ଏକ ତଥ୍ୟଭିତ୍ତିକ ଚାଷୀମାନଙ୍କର ତାଲିକା ପ୍ରଦାନ କରିବେ କି, ଏବଂ ଖ) ଏହି ନିର୍ବାଚନ ମଣ୍ଡଳୀର ପ୍ରାୟ ଲୋକ କୃଷି ଉପରେ ନିର୍ଭରଶୀଳ ଅଟନ୍ତି , କୃଷିପାଇଁ ସମସ୍ତ ଚାଷୀସାର ଓ କୀଟନାଶକ ଔଷଧ ବହୁତ ମାତ୍ରାରେ ବ୍ୟବହାର କରୁଥିବାରୁ ସାର ଓ କୀଟନାଶକ ମାନ ନିରୁପଣ ପାଇଁ ସରକାରଙ୍କ ତରଫରୁ ଏକ ପରୀକ୍ଷାଗାର ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ?

----

## ମିଲରମାନେ ଡପିଙ୍ଗ ବାବଦରେ ପାଉଥିବା ଅର୍ଥ ସମ୍ପର୍କରେ

4932 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଠାରୁ ପ୍ରତି ମିଲରମାନେ ଡପିଙ୍ଗ ବାବଦରେ ୧ କ୍ୱିଣ୍ଟାଲ ପ୍ରତି RRC, CWC, OSWC or PEG ଗୋଦାମ ପାଇଁ କେତେ ଟଙ୍କା ସରକାରଙ୍କ ଠାରୁ ପାଉଛନ୍ତି, ସବୁ ଜିଲ୍ଲାରେ ଏହି ଅର୍ଥ ସମାନ ପାଉଛନ୍ତି ନା କମ୍ ବେଶି ପାଉଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ଭିତ୍ତିକ ବିବରଣୀ ପ୍ରଦାନ କରିବେ କି, ବିଗତ ୨ ବର୍ଷ ଠାରୁ ଅଦ୍ୟାବଧି ଏ ବାବଦରେ କେତେ ଅର୍ଥ କେଉଁ ଜିଲ୍ଲାକୁ ପ୍ରଦାନ କରିଛନ୍ତି ତାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେ କି ?

----

## ଅଧିକାରୀଙ୍କର ଡିସ୍‌କମ୍‌ୱାରୀ ବିବରଣୀ

4933 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଟାଟାପାୱାର ଡିସ୍‌କମ୍ ଗୁଡିକରେ ଟାଟା ପାୱାର ପକ୍ଷରୁ ସମୁଦାୟ କେତେ ଜଣ ଅଧିକାରୀ Chief Head ସ୍ତରଠାରୁ ଆରମ୍ଭ ହୋଇ ତଳସ୍ତର ପର୍ଯ୍ୟନ୍ତ ନିଯୁକ୍ତି ହୋଇଛନ୍ତି ସେମାନଙ୍କର ଏକ ତାଲିକା ଦେବାସହ, ସେଥିମଧ୍ୟରୁ କେତେଜଣ ଓଡ଼ିଆ ଓ କେତେ ଜଣ ଅଣଓଡ଼ିଆ କର୍ମଚାରୀ ଅଛନ୍ତି ଏହାର ଡିସ୍‌କମ୍‌ୱାରୀ ବିବରଣୀ ପ୍ରଦାନ କରିବା ସହ ଓଡ଼ିଶା ଭଳି ଓଡ଼ିଆ ଭାଷାଭାଷୀ ରାଜ୍ୟରେ ଅଧିକ ସଂଖ୍ୟକ ଓଡ଼ିଆ ଅଧିକାରୀମାନଙ୍କୁ ନିଯୁକ୍ତି ଦେବାପାଇଁ କି ପଦକ୍ଷେପ ନେଇଛନ୍ତି ?

----

## ଉନ୍ନତମାନର ମାଛ ଜାଆଁଳ ଯୋଗାଇବା ପାଇଁ ବ୍ୟବସ୍ଥା

4934 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉନ୍ନତମାନର ମାଛ ଜାଆଁଳ ମାଛ ଚାଷୀଙ୍କୁ ଯୋଗାଇଦେବା ସକାଶେ ସରକାରଙ୍କର ବ୍ୟବସ୍ଥା କ'ଣ, କି ପ୍ରକାର ଜାଆଁଳ ସରକାରୀ ଫାର୍ମରେ ଉତ୍ପାଦନ କରାଯାଉଛି, ରାଜ୍ୟ ବାହାରୁ ଉତ୍ପାଦନକାରୀ ଆସିକରି ଏହା ବିକ୍ରୀ କରୁଥିବାବେଳେ ସରକାରୀ ସଂସ୍ଥା ଦ୍ୱାରା ବ୍ୟାପକ ଉତ୍ପାଦନ କରି ଚାଷୀମାନଙ୍କୁ ଯୋଗାଇଦେବା ସକାଶେ ବ୍ୟବସ୍ଥା କ'ଣ ?

----

## ସେବା ସମବାୟ ସମିତିର ନୂଆ କାର୍ଯ୍ୟାଳୟ ଗୃହ ନିର୍ମାଣ

4935 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକର ମୋଟ ସେବା ସମବାୟ ସମିତି କେତୋଟି ଏବଂ କେତୋଟିରେ ବହୁ ପୁରୁଣା ଟିଣ ଛପର ଘରେ କାର୍ଯ୍ୟାଳୟ ଚାଲୁଛି, ସେ ସମିତି ଗୁଡିକରେ ନୂଆ କାର୍ଯ୍ୟାଳୟ ଗୃହ ନିର୍ମାଣ ସକାଶେ ସରକାରଙ୍କର ପଦକ୍ଷେପ କ'ଣ ହେବ, ଏପରି ପୁରୁଣା କାର୍ଯ୍ୟାଳୟରେ ମିନି ବ୍ୟାଙ୍କ କାର୍ଯ୍ୟ ହେଉଥିଲାବେଳେ ତାହା ସମ୍ପୂର୍ଣ୍ଣ ନିରାପଦ କି ?

----

## ବୈଜ୍ଞାନିକ ମାନଙ୍କୁ ପ୍ରୋତ୍ସାହନ

4936 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଏକବିଂଶ ଶତାବ୍ଦୀରେ ବିଶ୍ୱରେ ବିଜ୍ଞାନର ଚମତ୍କାରିତା ଜନସାଧାରଣ ବିଭିନ୍ନ କ୍ଷେତ୍ରରେ ଅବଲୋକନ କରୁଥିବାବେଳେ ଆମ ରାଜ୍ୟର କେଉଁ ପ୍ରକାର କାର୍ଯ୍ୟରେ ବୈଜ୍ଞାନିକମାନେ ଗବେଷଣା କାର୍ଯ୍ୟ କରୁଛନ୍ତି ଓ ସରକାର କିପରି ପ୍ରୋତ୍ସାହନ ସେମାନଙ୍କୁ ଦେଉଛନ୍ତି, ଏହାରସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## ବୈଜ୍ଞାନିକ ମାନଙ୍କ ନାମ ତାଲିକା

4937 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରୁ କେତେ ଜଣ ବ୍ୟକ୍ତି ମହାକାଶ ଗବେଷଣା କ୍ଷେତ୍ରରେ ଏବଂ କେଉଁଠାରେ କାର୍ଯ୍ୟରତ ଥାଇ ବର୍ତ୍ତମାନ ଏପରି ଗବେଷଣା କରୁଛନ୍ତି କିମ୍ବା ବୈଜ୍ଞାନିକଭାବେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ନାମ ତାଲିକା ପ୍ରକାଶ ପୂର୍ବକ ସରକାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି ?

----

## ଅଧିକ ଅମଳକ୍ଷମ ଧାନ କ୍ରୟ

4938 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରବି ଋତୁରେ ଅଧିକ ଅମଳକ୍ଷମ ଧାନ ସରକାର ଚାଷୀଙ୍କଠାରୁ କ୍ରୟ କରିବାକୁ ପୂର୍ବପରି ବ୍ୟବସ୍ଥା କଲେଣି କି, ତାହା କିପରି ଓ ଆଧାର କଣ, କେଉଁ ଜିଲ୍ଲାରୁ କେତେ ଧାନ କ୍ରୟ ହେବ ତାହା ଉପସ୍ଥାପନ କରିବେକି?

----

## ବିଭିନ୍ନ ସୂତ୍ରରୁ ଆଦାୟ ବିଦ୍ୟୁତ୍ ଶୁଳ୍କ

4939 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଦୈନିକ ବିଦ୍ୟୁତ ଚାହିଦା କେତେ ଓ ତନ୍ମଧ୍ୟରୁ କେଉଁ କେଉଁ ସୂତ୍ରରୁ ସମୁଦାୟ କେତେ କେତେ ବିଦ୍ୟୁତ୍ ଶୁଳ୍କ ଆଦାୟ କରାଯାଇଛି କହିବେକି, କେନ୍ଦ୍ରାପଡା ଜିଲ୍ଲାରେ ବିଗତ ୩ ବର୍ଷ ମଧ୍ୟରେ ସମସ୍ତ ଉପଭୋକ୍ତାମାନଙ୍କୁ କେତେ ଘଣ୍ଟା ଧରି ଏବଂ କେତେବାର ବିଦ୍ୟୁତ୍ କାଟ କରାଯାଇଛି ସରକାର ଜାଣନ୍ତି କି, ଯଦି ତେବେ ଏହି ଦୁରାବସ୍ଥାରୁ ମୁକ୍ତି ନିମନ୍ତେ ସରକାର କି କି ବ୍ୟବସ୍ଥାମାନ ଗ୍ରହଣ କରିଛନ୍ତି?

----

## ବିଦ୍ୟୁତ୍ ସବଷ୍ଟେସନର ସ୍ଥାନାନ୍ତର

4940 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ମ୍ୟୁନିସିପାଲିଟି ଅନ୍ତର୍ଗତ ପୁରୁଣା ବସ ଷ୍ଟାଣ୍ଡରେ ଥିବା ବିଦ୍ୟୁତ୍ ସବଷ୍ଟେସନର ସ୍ଥାନାନ୍ତର ନିମନ୍ତେ ପୌର କର୍ତ୍ତୃପକ୍ଷ TPCODL କର୍ତ୍ତୃପକ୍ଷକୁ ଅବଗତ କରିବା ସରକାର ଜାଣନ୍ତି କି, ଯଦି ହଁ, ତେବେ ଟ୍ରାଫିକ ଜାମ ଓ ସ୍ଥାନୀୟ କ୍ଷୁଦ୍ର ବ୍ୟବସାୟ କେନ୍ଦ୍ରଗୁଡିକର ସୁରକ୍ଷା ପାଇଁ ସ୍ଥାନାନ୍ତର ନିଷ୍ପତ୍ତି ତୁରନ୍ତ କାର୍ଯ୍ୟକାରୀ କରାଇବାର ବ୍ୟବସ୍ଥା କରିବେକି?

----

## ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା

4941 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଜିଲ୍ଲାରେ ମୁଗ, ବିରି, କୋଳଥ, ବିଲାତି ବାଇଗଣ, ଆଳୁ, ବାଇଗଣ, କଞ୍ଚା ଲଙ୍କା ଆଦି ପ୍ରଚୁର ପରିମାଣରେ ଉତ୍ପାଦନ ହେଉଥିବା ଦୃଷ୍ଟିରୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରିବାକୁ ସରକାର ବିଚାର କରିବେକି?

----

## ସମସ୍ତ ଜନବସତିମାନଙ୍କୁ

4942 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସମସ୍ତ ଜନବସତିମାନଙ୍କୁ ବିଦ୍ୟୁତ୍ ଯୋଗାଇ ଦେବାକୁ ସରକାରଙ୍କ ନିଷ୍ପତ୍ତି ଅଛି କି, ଯଦି ହଁ, ତେବେ ଏ କ୍ଷେତ୍ରରେ ବର୍ତ୍ତମାନସୁଦ୍ଧା କି ଅଗ୍ରଗତି ହୋଇଛି ଓ ଆଉ କେତେଗୋଟି ଜନବସତିକୁ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇନାହିଁ ତାର ପୂର୍ଣ୍ଣାଙ୍ଗ ବିବରଣୀ ଦେବେକି?

----

## ଖାଦ୍ୟଶସ୍ୟ ଉତ୍ପାଦନର ବିବରଣୀ

4943 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଜିଲ୍ଲାରେ କି କି ପ୍ରକାର ଖାଦ୍ୟଶସ୍ୟ କେତେ କେତେ ପରିମାଣର ଉତ୍ପାଦନ ହେଉଛି ତାର ଏକ ବ୍ଲକୱାରି ବିବରଣୀ ଦେବେକି, ଏହି ଜିଲ୍ଲାରେ ଧାନର ଉତ୍ପାଦନ ଏକର ପିଛା କେତେ ହେଉଛି ତାର ବିଗତ 5 ବର୍ଷର ତଥ୍ୟ ଦେବେକି?

----

## ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କର ଜମା ରାଶି ସଂଗ୍ରହ ପରିମାଣ

4944 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ କଟକ ଜିଲ୍ଲାରେ ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କର କେଉଁକେଉଁ ଶାଖାରେ କେତେ ଜମା ରାଶି ସଂଗ୍ରହ କରିଥିବାବେଳେ କେତେ ଋଣ ଲଗାଣ କରିଛନ୍ତି ଏବଂ ଏହି ବ୍ୟାଙ୍କଗୁଡିକ ପ୍ରତିଷ୍ଠାନ ଖର୍ଚ୍ଚ ବାଦ ଦେଇ ଓ ମିଶାଇ କେତେ ନିଟ୍ ଲାଭ ବା କ୍ଷତି କରିଛନ୍ତି ପ୍ରକାଶ କରି ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କମାନଙ୍କୁ ଲାଭଜନକ କରିବାକୁ ସରକାର କି ପଦକ୍ଷେପ ନେବାକୁ ଯାଉଛନ୍ତି?

----

## ଡାଲିଜାତୀୟ ଫସଲ ଚାଷ

4945 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ ବାର୍ଷିକ କେଉଁ କିସମର କେତେ ତୈଳବୀଜ ଓ ଡାଲି ଜାତୀୟ ଫସଲ ଚାଷ ହେଉଥିବା ବେଳେ କେତେ ଫୁଲ ଚାଷ ହେଉଛି ପ୍ରକାଶ କରି ଜିଲ୍ଲାରେ ଡାଲି, ତୈଳବୀଜ, ଫୁଲ ଓ ପନିପରିବା ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଋଣ ସହାୟତା ପରିମାଣ

4946 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଏ ପର୍ଯ୍ୟନ୍ତ କେତେ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ଏବଂ କେଉଁ କେଉଁ ଯୋଜନା ଚାଲୁରହିଛି, ଉଦ୍ୟୋଗୀମାନଙ୍କୁ APICOL ଓ ବ୍ୟାଙ୍କରୁ କେତେ ଟଙ୍କାର ଋଣ ସହାୟତା ମିଳିଛି, ଉଦ୍ୟୋଗୀମାନଙ୍କୁ ସରକାର କେତେ ଟଙ୍କା ସବସିଡି ଓ କେତେ ଜମି ଲିଜ ଦେଇଛନ୍ତି ଜିଲ୍ଲାୱାରୀ ତଥ୍ୟ ଦେବେକି?

----

## ଧାନ ଉତ୍ପାଦନ ହାର

4947 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୃଷକ ପରିବାରଙ୍କ ଆୟ ଆକଳନ ସକାଶେ ରାଜ୍ୟ ଅର୍ଥନୈତିକ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ନିୟମିତ ସର୍ଭେ କରେ କି, ଯଦି ହଁ, ତେବେ 2015 ପରେ ଏକର ପିଛା ଧାନ ଓ ଅଣ ଧାନ ଉତ୍ପାଦନ ହାର ସମେତ ଚାଷୀଙ୍କ ଆୟ କେତେ ବଢିଛି ପରିସଂଖ୍ୟାନ ସହ ତଥ୍ୟ ଦେବେକି?

----

## ସମବାୟ ସଂସ୍ଥାମାନଙ୍କର ଜମାରାଶି ସଂଗ୍ରହ

4948 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ ବିଗତ ତିନି ବର୍ଷରେ ସମବାୟ ସଂସ୍ଥାମାନଙ୍କରେ କେତେ ଜମାରାଶି ଗ୍ରହଣ ହୋଇଥିବାବେଳେ କେତେ ଋଣ ଲଗାଣ ହୋଇଛି ପ୍ରକାଶ କରି ଜିଲ୍ଲାରେ ସମବାୟ ମାଧ୍ୟମରେ ଲୋକଙ୍କ ଆର୍ଥିକ ପ୍ରଗତି ପାଇଁ କି ପଦକ୍ଷେପ ନିଆଯାଉଛି?

----

## ଷ୍ଟାର୍ଟଅପ ଆରମ୍ଭ

4949 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଏକ ବର୍ଷ ମଧ୍ୟରେ ଏମଏସଏମଇ ମାଧ୍ୟମରେ ରାଜ୍ୟରେ କେତେଜଣ ଯୁବକଯୁବତୀ ନିଜର ଷ୍ଟାର୍ଟଅପ ଆରମ୍ଭ କରିଛନ୍ତି, ଗତ ଏକ ବର୍ଷ ମଧ୍ୟରେ ମୋଟ କେତୋଟି ଅନୁଷ୍ଠାନ ଆରମ୍ଭ ହୋଇଛି, ଯଦି କୌଣସି ଷ୍ଟାର୍ଟଅପ ବନ୍ଦ ହୋଇଛି, ବନ୍ଦ ହୋଇଥିବା ଅନୁଷ୍ଠାନଗୁଡ଼ିକର ତଥ୍ୟ ଜିଲ୍ଲାୱାରୀ ପ୍ରଦାନ କରିବେକି?

----

## ଶୀତଳ ଭଣ୍ଡାର ସ୍ଥାପନ

4950 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟରେ ମୋଟ କେତୋଟି ଶୀତଳ ଭଣ୍ଡାର ଅଛି, ଏସବୁ ଶୀତଳ ଭଣ୍ଡାର ଆବଶ୍ୟକତା ପୂରଣ କରିବାରେ ସକ୍ଷମ କି, ଯଦି ନାଁ, ତେବେ ନୂଆ ପ୍ରତିଷ୍ଠା କରିବା ପାଇଁ ସରକାର ପ୍ରସ୍ତାବ ରଖିଛନ୍ତି କି, କେବେସୁଦ୍ଧା ଏହା ପ୍ରତିଷ୍ଠା ହେବ?

----

## ସୋଲାର ପାର୍କ ନିର୍ମାଣ

4951 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ବର୍ତ୍ତମାନ ମୋଟ କେତୋଟି ସୋଲାର ପାର୍କ ନିର୍ମାଣ ହୋଇଛି, ସେଗୁଡ଼ିକୁ ଦୈନିକ ମୋଟ କେତେ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେଉଛି, ରାଜ୍ୟରେ ଗ୍ରାହକୀୟ ଚାହିଦା ମେଣ୍ଟାଇବାରେ କେତେ ସହାୟକ ହେଉଛି, ରାଜ୍ୟରେ ନୂଆ ପ୍ରକଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ସରକାର କଣସବୁ ଯୋଜନା କରିଛନ୍ତି?

----

## କେନ୍ଦ୍ରୀୟ ଅନୁଦାନ ପରିମାଣ

4952 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ଖାଦ୍ୟ ସୁରକ୍ଷା ମିଶନରେ ଗତ 5 ବର୍ଷରେ ରାଜ୍ୟକୁ କେତେ କେନ୍ଦ୍ରୀୟ ଅନୁଦାନ ମିଳିଛି, ଅନୁଦାନ ରାଜ୍ୟକୁ ସଠିକ ସମୟରେ ନମିଳିବା ସହ ଅନୁଦାନ ହ୍ରାସ ପାଇବା ତଥ୍ୟ ସତ୍ୟକି, ଯଦି ସତ୍ୟ ଏ ନେଇ କେନ୍ଦ୍ର ସହ ରାଜ୍ୟ ସରକାର ଆଲୋଚନା କରିଛନ୍ତି କି?

----

## ପ୍ଲାନେଟୋରିୟମ ପ୍ରତିଷ୍ଠା

4953 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସ୍ଥାନୀୟ ଅଭିଭାବକମାନଙ୍କର ଦାବୀ ମୁତାବକ ବାଲେଶ୍ୱର ଜିଲ୍ଲାରେ ସରକାରୀ ପ୍ଲାନେଟୋରିୟମ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଅଛି କି, ଯଦି ହଁ, କେବେସୁଦ୍ଧା ଏହା ପ୍ରତିଷ୍ଠା ହେବ?

----

## କେନ୍ଦ୍ରୀୟ ଅନୁଦାନ

**4954 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2020 -2021 ରୁ 2024 - 2025 ଆର୍ଥିକ ବର୍ଷରେ କେଉଁ କେଉଁ ଯୋଜନା ବାବଦକୁ ବିଜ୍ଞାନ ଓ କାରିଗରୀ ବିଭାଗ କେନ୍ଦ୍ର ସରକାରଙ୍କ ଠାରୁ କେତେ ଟଙ୍କା ଲେଖାଏଁ ପାଇଛନ୍ତି ଓ ପାଇଥିବା ଟଙ୍କା କେଉଁ କେଉଁ ବାବଦରେ ବ୍ୟୟ କରିଛନ୍ତି ଓ କେଉଁ କେଉଁ ଯୋଜନାରେ କେତେ ଟଙ୍କା ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ଏବଂ ଦେବଗଡ ଜିଲ୍ଲାରେ କେଉଁ କେଉଁ ପ୍ରକାର କାର୍ଯ୍ୟ କରାଯାଇ କେତେ ଟଙ୍କା ବ୍ୟୟ କରାଯାଇଛି ଜଣାଇବେକି?

----

## ପଦବୀ ପୂରଣ

**4955 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ପଦବୀରୁ କେତେଗୋଟି ପଦବୀ ଖାଲିଅଛି, ରାଜ୍ୟର କେଉଁ ବ୍ଲକରେ ଶିଳ୍ପ ସମ୍ପ୍ରସାରଣ ଅଧିକାରୀ ପଦବୀ ଖାଲିଅଛି, ପ୍ରକାଶ କରି ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ହସ୍ତତନ୍ତର ବିକାଶ

**4956 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ହସ୍ତତନ୍ତର ବିକାଶ ନିମନ୍ତେ ରାଜ୍ୟ ସରକାର କି କି ପଦକ୍ଷେପ ନେଇଛନ୍ତି, ସେଥିପାଇଁ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ ହୋଇଛି କି , ବିଗତ ୧୦ ବର୍ଷ ମଧ୍ୟରେ ହସ୍ତତନ୍ତ ସାମଗ୍ରୀ ଉତ୍ପାଦନ, ଆମଦାନୀ, ରପ୍ତାନୀ କ୍ଷେତ୍ରରେ ରାଜ୍ୟ କେଉଁ ବର୍ଷ କେତେ ସଫଳତା ହାସଲ କରିଛି, ହସ୍ତତନ୍ତ ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ଅନ୍ୟ ପ୍ରମୁଖ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାର ସ୍ଥାନ, ଜାତୀୟ ସ୍ତରରେ ସ୍ଥିତି କେଉଁଠି, ଓଡ଼ିଶାର ହସ୍ତତନ୍ତ ନୀତି ପ୍ରଣୟନ ପାଇଁ କି କି ପଦକ୍ଷେପ ନିଆଯାଇଛି, ହସ୍ତତନ୍ତର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଭିଜନ ପ୍ରସ୍ତୁତ ହୋଇଛି କି ?

----

## ଋଣ ପ୍ରଦାନ

**4957 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ଚଳିତ ଆର୍ଥିକ ବର୍ଷରେ କେତେ ସଂଖ୍ୟକ ଆବେଦନ ଆସିଥିଲା; ଏଥିରୁ କେତୋଟି ଆବେଦନପତ୍ରକୁ ଅନୁମୋଦନ କରି ବ୍ୟାଙ୍କରୁ ଋଣ ପାଇଁ ପଠାଯାଇଛି ଓ ସେଥିରୁ ବ୍ୟାଙ୍କ କେତେଜଣଙ୍କୁ ଋଣ ପ୍ରଦାନ କରି; ଗତ ୩ ବର୍ଷ ମଧ୍ୟରେ ରାଜ୍ୟରେ ଏହି ପରିସଂଖ୍ୟାନ କ'ଣ ଥିଲା ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ଚାଷୀଙ୍କୁ ପ୍ରୋତ୍ସାହନ

**4958 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାର ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ଥିବା ପଥୁରିଆ ଜମିରେ ବର୍ଷା ଦିନିଆ ପନିପରିବା ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଭୂତତ୍ତ୍ୱଜ୍ଞାନ ସମ୍ବନ୍ଧୀୟ କୌଶଳ ତଥ୍ୟ

**4959 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ସ୍କୁଲ କଲେଜ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ISRO, DRDO, ଭୂତତ୍ତ୍ୱଜ୍ଞାନ ସମ୍ବନ୍ଧୀୟ ବୈଜ୍ଞାନିକ ତଥ୍ୟ ଦେବା ସହ ଏ ସମସ୍ତ ବିଷୟରେ ଜ୍ଞାନ ଆହରଣ ପାଇଁ ଏପରିକି ବିଭିନ୍ନ ଗଛ ପତ୍ରରୁ କି ପ୍ରକାର ଜୀବନ ଜୀବିକା ତିଷ୍ଠିରହିବା ପାଇଁ ଉପକାରିତା ମିଳେ, କୃଷି ବିଜ୍ଞାନୀ ମାନଙ୍କ ସହ Interaction, Practical ଓ exhibition କରିବାକୁ ପଦକ୍ଷେପ ନେବେ କି ?

----

## ଜାଲ, ବୋଟ ଇତ୍ୟାଦି Subsidy ରେ ଯୋଗାଇବା ପାଇଁ ପ୍ରୋତ୍ସାହନ

**4960 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ମତ୍ସ୍ୟ, ପଶୁପାଳନ, ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ପ୍ରଶିକ୍ଷଣ ଭିତ୍ତିଭୂମିର ବିକାଶ ଓ ସଚେତନତା ଉପରେ ଗୁରୁତ୍ୱ ଦେବା ସହ ଇଚ୍ଛୁକ ବ୍ୟକ୍ତିମାନେ ମାଛଚାଷ, ଚିଙ୍ଗୁଡ଼ି ଚାଷ ନୂଆ ନୂଆ ଉନ୍ନତ ଧରଣର ମାଛ ମାରିବା ଜାଲ, ସମୁଦ୍ର ଭିତରକୁ ଯିବା ପାଇଁ ମୋଟର ଚାଳିତ ବୋଟ ଇତ୍ୟାଦି Subsidy ରେ ଯୋଗାଇବାକୁ ପ୍ରୋତ୍ସାହିତ କରିବେ କି; ସେହିପରି ଗୋରୁଗାଈଙ୍କ ଚିକିତ୍ସା ଲାଗି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା Ambulance Unit, ପ୍ରତି ପଞ୍ଚାୟତରେ VLW କେନ୍ଦ୍ର ସ୍ଥାପନ ସହ ଯେଉଁମାନେ ଗାଈ, ଛେଳି, ମେଣ୍ଢା ପାଳନ କରି ଆତ୍ମନିର୍ଭଳଶୀଳ ହେବାକୁ ଇଚ୍ଛା କରୁଛନ୍ତି ସେମାନଙ୍କ ପାଇଁ ଗୋଶାଳା ନିର୍ମାଣ ସକାଶେ ସ୍ଥାନ ନିରୁପଣ ସହ ଆର୍ଥିକ ସହାୟତା ଦେବେ କି ; ରାଜ୍ୟରେ ଅଧୁନା ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ସ୍ଥିତି, ଅଗ୍ରଗତି ସମ୍ପର୍କରେ ଜଣାଇବେ କି ?

----

## PACS ଓ LAMPS ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼

4961 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର PACS ଓ LAMPS ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦେଇଥିବା କଥା ଘୋଷଣା କରିଥିବା ପରିପ୍ରେକ୍ଷୀରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କେତୋଟି PACS ଓ LAMPS ଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ମିଳିଛି ଓ ସେହି ପଇସାରେ କି କି କାମ ହୋଇଛି , କେଉଁ କାମ ପାଇଁ ୫ ଲକ୍ଷ ଟଙ୍କା ଦିଆଯାଉଛି ସେହି କାମ ସେହି ଅର୍ଥରେ କେତେ ହେଉଛି, କିଏ ଏହାର ଦାୟିତ୍ୱରେ ଅଛନ୍ତି ଏବଂ ତଦାରଖ କିଏ କରୁଛି କହିବେ କି ?

----

## କୌଳିକ ବୃତ୍ତିରେ ଆତ୍ମନିଯୁକ୍ତି

4962 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସମସ୍ତ ବୁଣାକାର , ମୂର୍ତ୍ତି ଶିଳ୍ପୀ, ରୂପା କାରିଗର, କଂସା ବାସନ ଶିଳ୍ପୀ, ପଥର ଶିଳ୍ପୀ ମାନଙ୍କୁ ସେମାନଙ୍କର କୌଳିକ ବୃତ୍ତି ବଞ୍ଚାଇବା ସହ ସେହିସବୁ କାମରେ ଆତ୍ମନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାର ଏମାନଙ୍କୁ ଆବଶ୍ୟକୀୟ କଞ୍ଚାମାଲ, ଜିଏସଟି ମୁକ୍ତ କଞ୍ଚାମାଲ ଓ ବଜାର ବ୍ୟବସ୍ଥା ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ କି ?

----

## ପୁରୁଣା Poll, Service Wire , ପରିବର୍ତ୍ତନ କରି ନୂତନଭାବେ ଯୋଗାଇବାକୁ ପଦକ୍ଷେପ

4963 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ସମସ୍ତ ପୁରୁଣା Transformers, ପୁରୁଣା Electric Poll, Service Wire ପରିବର୍ତ୍ତନ କରି ନୂତନଭାବେ ଯୋଗାଇବାକୁ ପଦକ୍ଷେପ ନେବା ସହ ଯେଉଁ ଅଞ୍ଚଳକୁ ଓ ପରିବାରକୁ ଆଜି ପର୍ଯ୍ୟନ୍ତ ଇଲେକ୍ଟ୍ରି ସଂଯୋଗ ଦିଆଯାଇନାହିଁ ସେସବୁ ଘରକୁ ବିଜୁଳି ସଂଯୋଗ ଦେବା ପାଇଁ ପଦକ୍ଷେପ ନେବେ କି ଓ ଜୋର ଜବରଦସ୍ତ ଲାଇନ ନ କାଟିବାକୁ ଓ ମରାମତି ଆଳରେ Power Cut ଘଣ୍ଟା ଘଣ୍ଟା ଧରି ନ କରିବାକୁ ପଦକ୍ଷେପ ନେବେ କି ; ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ପାଇଥିବା ହିତାଧିକାରୀଙ୍କ Tata Power ମନଇଚ୍ଛା ଫାଇନ ପକାଇବାର କାରଣ କଣ ; Tata Powerର ଏପରି ଅନ୍ୟାୟକୁ ସରକାର ପ୍ରତିହତ କରିବେ କି ?

----

## ନୂତନ ଶିଳ୍ପାୟନର ଯୋଜନା

4964 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ ନୂତନ ଶିଳ୍ପାୟନର ଯୋଜନା କରାଯାଇଛି ଓ ତାହା କ'ଣ ଓ କିପରି କାର୍ଯ୍ୟକାରୀ କରାଯିବ ତାର ଖସଡା ପ୍ରସ୍ତୁତ ହୋଇଛି କି ; ସରକାରଙ୍କ ଏଥିଲାଗି ପଦକ୍ଷେପ କ'ଣ ହେବ ; ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ ପ୍ରକାରର ଶିଳ୍ପ ସଂସ୍ଥା କାର୍ଯ୍ୟକ୍ଷମ ଅଛନ୍ତି ଏବଂ କେଉଁ କେଉଁ ଶିଳ୍ପ ସଂସ୍ଥା ବନ୍ଦ ହୋଇ ରହିଛନ୍ତି ଏହାର ପୁନଃଉଦ୍ଧାର ପାଇଁ ସରକାରଙ୍କର କୌଣସି ସ୍ୱତନ୍ତ୍ର ପଦକ୍ଷେପ ଅଛି ;ରାଜ୍ୟର ଶିକ୍ଷିତ ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନୂତନ ଶିଳ୍ପ ପ୍ରତିଷ୍ଠା ଉପରେ ସରକାରଙ୍କର କ'ଣ କ'ଣ ସ୍ୱତନ୍ତ୍ର ନୀତି ଅଛି ?

----

## Tata Power ପକ୍ଷରୁ ସ୍ଥାୟୀନିଯୁକ୍ତି

**4965 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) TATA Power Discom ଗୁଡ଼ିକରେ TATA Power ପକ୍ଷରୁ ସମୁଦାୟ କେତେ ଜଣ ସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ; ସେଥିମଧ୍ୟରୁ କେତେ ଜଣ ଓଡିଆ ଓ କେତେ ଜଣ ଅଣ ଓଡିଆ, ଏହାର Discom ୱାରୀ ବିବରଣୀ ପ୍ରଦାନ କରିବେ କି ; (ଖ) Discom ଗୁଡିକରେ CEO,Chief Head Level ରେ ପଦବୀ ଗୁଡିକରେ ଅଣ ଓଡିଆ ଏବଂ ଓଡିଆଙ୍କ ସଂଖ୍ୟା Discom ୱାରୀ ପ୍ରଦାନ କରିବେ କି ?

----

## Number of Districts identificed for benefits under PMDDKY.

**4966 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Under the PM Dhan-Dhaanya Krishi Yojana (To Identify 100 districts for targeted Agricultural Development). How many districts of Odisha have been identified for benefits and what specific initiatives have been taken to improve agricultural productivity in these districts?

----

## ସାମୁଦ୍ରିକ ମାଛ ଉତ୍ପାଦନର ତଥ୍ୟ

**4967 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମଧୁର, ଖାରୀ ଏବଂ ସାମୁଦ୍ରିକ ମାଛ ଉତ୍ପାଦନ ବୃଦ୍ଧି ପାଇଁ ସରକାର କେଉଁ କେଉଁ ସବୁ ମତ୍ସ୍ୟନୀତି ଗ୍ରହଣ କରିଛନ୍ତି ; ୨୦୧୯-୨୦୨୪ ମଧ୍ୟରେ ମଧୁର, ଖାରୀ ଏବଂ ସାମୁଦ୍ରିକ ମାଛ ଉତ୍ପାଦନ କେତେ ଥିଲା ବର୍ଷ ୱାରୀ ତଥ୍ୟ ଦେବେ କି ; ରାଜ୍ୟରେ ମାଛର ଆବଶ୍ୟକତାକୁ ପୂରଣ କରିବା ପାଇଁ ମଧୁର, ଖାରୀ ଏବଂ ସାମୁଦ୍ରିକ ମାଛ ଉତ୍ପାଦନ ବୃଦ୍ଧି ପାଇଁ ସରକାର କ'ଣ କ'ଣ ନିର୍ଦ୍ଦିଷ୍ଟ ପଦକ୍ଷେପ ନେଇଛନ୍ତି ବା ନେବାକୁ ଯାଉଛନ୍ତି କେବେ ସୁଦ୍ଧା ରାଜ୍ୟ ମାଛ ଉତ୍ପାଦନରେ ସ୍ୱାବଲମ୍ବୀ ହେବ କହିବେ କି ?

----

## ବିଜୁ ପଟ୍ଟନାୟକ ରିସର୍ଚ୍ଚ ଫେଲୋସିପ ପାଇଥିବା ଛାତ୍ର ଛାତ୍ରୀଙ୍କ ସଂଖ୍ୟା

4968 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ଶିକ୍ଷା ବର୍ଷ ୨୦୨୪-୨୫ରେ କେତେ ଜଣ ଛାତ୍ରଛାତ୍ରୀଙ୍କୁ Basic and applied Science ରେ PHD କିରିବା ପାଇଁ ବିଜୁ ପଟ୍ଟନାୟକ ରସର୍ଚ୍ଚ ଫେଲୋସିପ୍ ଦିଆଯାଇଛି ; ଚୟନର ଆଧାର କ'ଣ ଏବଂ ଫେଲୋସିପ ପାଇଥିବା ଛାତ୍ରଛାତ୍ରୀଙ୍କ ନାମ ଓ ଠିକଣା ପ୍ରଦାନ କରିବେ କି ପ୍ରତି ଛାତ୍ରଛାତ୍ରୀଙ୍କୁ କେତେ ଟଙ୍କା ସହାୟତା ଏବଂ କେତେ ବର୍ଷ ପାଇଁ ଦିଆଯାଏ ?

----

## ଆଳୁ ଚାଷ ସମ୍ପର୍କରେ

4969 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନସୁଦ୍ଧା ରାଜ୍ୟରେ କେତେ ଏକର ଜମିରେ ଆଳୁ ଚାଷ ହେଉଛି, କେତେ ଆଳୁ ଉତ୍ପାଦନ ହେଉଛି ଏବଂ ଉତ୍ପାଦିତ ଆଳୁକୁ ସଂରକ୍ଷିତ କରି ରଖିବା ପାଇଁ କଣ ବ୍ୟବସ୍ଥା ହୋଇଛି ତାହାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବେ କି ?

----

## ମାଛ ଚାଷପାଇଁ ପ୍ରୋତ୍ସାହନ

4970 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କେଉଁ କେଉଁ ମନୋନୀତ ଗ୍ରାମ ପଂଚାୟତ ପୋଖରୀରେ ମାଛଚାଷ ପାଇଁ ଆର୍ଥିକ ପ୍ରୋତ୍ସାହନ ବା ଇନ୍‌ପୁଟ ସହାୟତା ପ୍ରଦାନ କରାଯାଇଛି, ସବିଶେଷ ଉପସ୍ଥାପନା କରିବେ କି ?

----

## ଖାଉଟି ସାମଗ୍ରୀ ବଣ୍ଟନ

4971 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ୨୦୧୯-୨୦ ଠାରୁ ୨୦୨୫ ଜାନୁଆରୀ ମାସରେ କେଉଁ କେଉଁ ବ୍ଲକର ଖାଉଟି ମାନଙ୍କୁ କେତେ କେତେ ପରିମାଣର ଗହମ, ଚାଉଳ ଓ କିରୋସିନ ଆବଣ୍ଟନ କରାଯାଇଛି ଓ ଏହିସବୁ ଖାଉଟି ସାମଗ୍ରୀ ଓ କିରୋସିନ ଆବଣ୍ଟନ କରିବା ନିମନ୍ତେ କେଉଁ କେଉଁ ବ୍ଲକକୁ କେତେ କେତେ ପରିମାଣର ଖାଉଟି ସାମଗ୍ରୀ ଓ କିରୋସିନ ଦିଆଯାଇଥିଲା ?

----

## ବିଦ୍ୟୁତ ବିଲର ସଂସ୍ଥାୱାରୀ ତଥ୍ୟ

4972 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ସରକାରୀ ଓ ବେସରକାରୀ ସଂସ୍ଥା, ବାଣିଜ୍ୟିକ ପ୍ରତିଷ୍ଠାନ ଉପରେ ଅଦ୍ୟାବଧି କେତେ ପରିମାଣର ଅର୍ଥ ବିଦ୍ୟୁତ୍ ବିଲ୍ ବାବଦକୁ ଦେବା ପାଇଁ ଅଛି ?

----

## ନୂତନ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସହାୟତା ପ୍ରଦାନ

4973 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- MSME ତରଫରୁ ନୂତନ ଉଦ୍ୟୋଗୀମାନଙ୍କୁ କେଉଁ କେଉଁ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସରକାର ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି ଏବଂ ନୂତନ ଉଦ୍ୟୋଗୀ ଗଠନ ପରେ ମୋହନା ନିର୍ବାଚନ ମଣ୍ଡଳୀ ତଥା ଗଜପତି ଜିଲ୍ଲାରେ କେତେ ଯୁବକ, ଯୁବତୀ ସ୍ୱାବଲମ୍ବୀ ହୋଇ ପାରିଲେ ଏବଂ କେତେ ରୋଜଗାର ସୃଷ୍ଟି ହେବାର ସମ୍ଭାବନା ରହିଛି ?

----

## ବିଦ୍ୟୁତ ଥାନାରେ ଥିବା ପଦବୀ ସଂଖ୍ୟା

4974 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଦ୍ୟୁତ୍ ଚୋରିକୁ ଧରିବାପାଇଁ କେଉଁ କେଉଁ ସ୍ଥାନରେ ବିଦ୍ୟୁତ୍ ଥାନା ରହିଛି; ଏହିସବୁ ଥାନା ଗୁଡିକରେ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି ଓ ବର୍ତ୍ତମାନ ଏଥିରେ କେତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟ କରୁଛନ୍ତି; ଗତ ୫ବର୍ଷ ମଧ୍ୟରେ କେଉଁ କେଉଁ ବିଦ୍ୟୁତ୍ ଥାନା କେତେ ସଂଖ୍ୟକ ବିଦ୍ୟୁତ୍ ଚୋରି କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଓ କେତେ ଜୋରିମାନା ଆଦାୟ କରିଛନ୍ତି ତାହାର ଏକ ବର୍ଷୱାରୀ ଓ ଥାନାୱାରୀ ସୂଚନା ପ୍ରଦାନ କରିବେ କି ?

----

## ସୁବର୍ଣ୍ଣା ସଂସ୍ଥା ଦ୍ୱାରା ତୈଳବୀଜ ଚାଷ

4975 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ତୈଳବୀଜ ଚାଷକୁ ପ୍ରୋତ୍ସାହନ ପାଇଁ ସୁବର୍ଣ୍ଣା ସଂସ୍ଥା କେବେ ଗଠନ ହୋଇଥିଲା ଓ ଏହା ଜରିଆରେ ରାଜ୍ୟର କେଉଁ ଅଞ୍ଚଳରେ କେତେ ପରିମାଣରେ କି କି ପ୍ରକାର ତୈଳବୀଜ ଚାଷ ହେଉଥିଲା; ବର୍ତ୍ତମାନ ଏହି ସଂସ୍ଥାର ସ୍ଥିତି କ'ଣ ରହିଛି; ରାଜ୍ୟରେ ତୈଳବୀଜ ଚାଷର ପ୍ରୋତ୍ସାହନ ପାଇଁ ସରକାର ସୁବର୍ଣ୍ଣାର ପୁନରୁଦ୍ଧାର କିମ୍ବା ଅନୁରୂପ ସଂସ୍ଥା ଗଠନ କରିବେ କି ?

----

## ବାର୍ଷିକ ଗହମ ଓ ଅଟାର ଆବଶ୍ୟକତା

4976 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଖାଉଟିମାନଙ୍କର ବାର୍ଷିକ କେତେ ପରିମାଣର ଗହମ ଓ ଅଟାର ଆବଶ୍ୟକତା ରହିଛି; କେଉଁ କେଉଁ ରାଜ୍ୟରୁ ଓଡିଶାକୁ କେତେ ପରିମାଣରେ ଗହମ ଆସୁଛି; ରାଜ୍ୟରେ ପଡିକାର୍ଡ ଯୋଗେ ଚାଉଳ ସହିତ ଗହମ ଯୋଗାଣ କ'ଣ ପାଇଁ କେବେ ବନ୍ଦ ହୋଇଥିଲା; ଲୋକଙ୍କ ଚାହିଦାକୁ ଦେଖି ପୁର୍ନବାର ପଡିକାର୍ଡ, ଯୋଗେ ଗହମ ଯୋଗାଣ ପାଇଁ ସରକାର ପଦକ୍ଷେପ ନେବେ କି ?

----

## ମିଲ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

4977 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ସମୟରେ ଧାନ କିଣାରେ ଅନିୟମିତତା ଯୋଗୁଁ କେଉଁ କେଉଁ ମିଲ୍ ମାଲିକଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି; ସମ୍ପୃକ୍ତ ମିଲ୍ ମାଲିକଙ୍କ ସହିତ ସେମାନଙ୍କ ବିରୁଦ୍ଧରେ କି ପ୍ରକାର ଅଭିଯୋଗ ପ୍ରମାଣିତ ହୋଇଛି ?

----

## ନିଜରଧାନ ବିକ୍ରି କରିଥିବା ଚାଷୀଙ୍କ ସଂଖ୍ୟା

4978 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନ ସୁଦ୍ଧା ରାଜ୍ୟର କେତେ ସଂଖ୍ୟକ ଚାଷୀ ସରକାରଙ୍କୁ ନିଜର ଧାନ ବିକ୍ରି କରିଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେ ଜଣ ଚାଷୀ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ନିଜର ସମସ୍ତ ପ୍ରାପ୍ୟ ପାଇ ପାରିଛନ୍ତି; ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ପଞ୍ଜିକୃତ MSME ସଂସ୍ଥା

4979 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ଜିଲ୍ଲାରେ କେତୋଟି MSME ପଞ୍ଜୀକୃତ ହୋଇଛନ୍ତି; ଏହିସବୁ ଉଦ୍ୟୋଗ ଜରିଆରେ କେତେ ନିଯୁକ୍ତି ସୃଷ୍ଟି ହୋଇପାରିଛି; MSMEକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ଼ ସମ୍ପର୍କରେ

4980 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରତ୍ୟେକ ଘରକୁ ମାଗଣା ୩୦୦ ୟୁନିଟ୍ ବିଦ୍ୟୁତ୍ ପ୍ରଦାନ କରିବା ପାଇଁ ସରକାର ତାଙ୍କ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିଲେ କି; ସରକାରକୁ ୮ ମାସରୁ ଉର୍ଦ୍ଧ୍ୱ ସମୟ ବିତାଇଥିଲେ ମଧ୍ୟ, ବର୍ତ୍ତମାନସୁଦ୍ଧା ବିଦ୍ୟୁତ୍ ଶୁଳ୍କ ୩୦୦ ୟୁନିଟ୍ ଛାଡ଼ ହୋଇନାହିଁ, କେବେ ସୁଦ୍ଧା ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରିବେ ?

----

## ଧାନ ସଂଗ୍ରହ ବେଳେ ଅବ୍ୟବସ୍ଥା

4981 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ବର୍ଷ ଧାନ ସଂଗ୍ରହ ବେଳେ କେଉଁ କେଉଁ ଜିଲ୍ଲାରେ କେତୋଟି ମଣ୍ଡିରେ ଅବ୍ୟବସ୍ଥା ହୋଇଛି; ଅବ୍ୟବସ୍ଥିତ ମଣ୍ଡିର କାରଣ କ'ଣ ଓ ଏଥିପାଇଁ ଦାୟୀ କିଏ; ଦୋଷୀଙ୍କ ବିରୁଦ୍ଧରେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ମାଛ ରପ୍ତାନୀ

4982 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବାର୍ଷିକ ମାଛ ଉତ୍ପାଦନର କେତେ ପରିମାଣର ମାଛ ବାହାର ରାଜ୍ୟ ତଥା ଦେଶ ବାହାରକୁ ରପ୍ତାନୀ ହୋଇଛି; ମାଛ ରପ୍ତାନିକୁ ମୂଲ୍ୟ ଯୁକ୍ତ କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ସମ୍ବଲପୁରୀ ବସ୍ତ୍ରର ପ୍ରଚାର ପ୍ରସାର

4983 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମ୍ବଲପୁରୀ ବସ୍ତ୍ରର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Current status of PM Viswakarma Scheme

4984 **Smt. Sofia Firdous (Barabati-Cuttack):**

Will the Minister for **Textiles, Handlooms & Handicrafts** be pleased to state that:- **(a) What is the current status of the PM Vishwakarma Scheme's implementation in the state; (b) Which traditional crafts and artisans have been identified under this scheme, and how many have been registered so far; What specific measures have been taken to preserve and promote Odisha's age-old traditions and diverse heritage, including training, financial support, and market linkage for traditional artisans**?

----

## Loss of Revenue due to electricity theft

4985 **Smt. Sofia Firdous (Barabati-Cuttack):**

Will the Minister for **Energy** be pleased to state that:- **(a) How many incidents of electricity theft have been reported in the industrial sector since June 2024, and what is the estimated loss to the state's revenue; (b) What specific measures have been implemented by the department to prevent electricity theft in industrial areas, and how effective have these steps been so far; Has the department taken any legal or administrative action against industries involved in power theft; if so, the details thereof?**

----

## Recruitment process in Total power and SCSU

4986 **Smt. Sofia Firdous (Barabati-Cuttack):**

Will the Minister for **Energy** be pleased to state that:- **(a) What is the difference in Cost to Company (CTC) structure for the same positions between Tata Power employees and erstwhile CESU employees; Will the Govt. provide a category-wise manpower comparison; (b) Are the appointment letters issued under the CTC structure on TP Odisha DISCOMs letterhead, mentioning it as a joint venture of the Government of Odisha and Tata Power, following the recruitment policy of the Government of Odisha; Are the recruitment processes in TP Odisha DISCOMs being conducted in line with OERC guidelines and is there any Government of Odisha representative in the recruitment panel?**

----

## Appointment of Krushi Sathi

4987 **Smt. Sofia Firdous (Barabati-Cuttack):**

Will the Minister for **Agriculture And Farmers Empowerment** be pleased to state that:- **How many Krushi Sathi have been appointed across the state, and what is their annual remuneration, including any incentives or allowances;What are their key responsibilities in implementing agricultural schemes and supporting farmers; Will the department consider providing a minimum fixed salary and job security to Krushi Sathi, considering their crucial role in scheme execution; What steps are being taken to address their demands for better wages, working conditions, and career growth?**

----

## Loss of Tata Power

4988 **Smt. Sofia Firdous (Barabati-Cuttack):**

Will the Minister for **Energy** be pleased to state that:- **Whether Tata Power experiences energy losses during electricity transmission, and if so, what are the current loss percentages? Are consumers bearing these losses through higher tariffs? If consumers aren't charged for these losses, who absorbs this financial burden? What measures has Tata Power implemented to minimize transmission losses?**

----

## State Food Testing Laboratory ର ସୁବିଧା

4989 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ଅଧିନରେ ଥିବା State Food Testing Laboratory କେଉଁ କେଉଁ ଜାଗାରେ ଅଛି, ଏଠାରେ କେବଳ ସରକାରୀ ସଂସ୍ଥା ମାଧ୍ୟମରେ test କରାଯାଏ ନା ସାଧାରଣ ଜନତା ଏହି ସୁବିଧା ପାଇପାରୁଛନ୍ତି, ଯଦି 'ନା' ତେବେ ସାଧାରଣ ଜନତାଙ୍କ ପାଇଁ testing laboratory ର ସୁବିଧା ଯୋଗାଇ ଦେବାର କିଛି ଯୋଜନା ଅଛି କି ?

----

## ରପ୍ତାନି ହେଉଥିବା ସାମୁଦ୍ରିକ ଖାଦ୍ୟର ପରିମାଣ

4990 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରୁ ସାମୁଦ୍ରିକ ଖାଦ୍ୟ ବର୍ତ୍ତମାନ କେତେ ରପ୍ତାନି ହେଉଛି, ଏହି ରପ୍ତାନି ଦେଶ ଭିତରେ କେତେ ଓ ବିଦେଶ କୁ କେତେ ଜଣେଇବା ସହ ମତ୍ସ୍ୟଜୀବି ମାନଙ୍କ ଲାଭ ପରିମାଣ କିପରି ବଢିବ ସେହି ସମ୍ବନ୍ଧରେ ସରକାରଙ୍କ ଯୋଜନା କ'ଣ ଅଛି ?

----

## ଗୋଶାଳା ପିଛା ହେଉଥିବା ଖର୍ଚ୍ଚ

4991 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତୋଟି ଗୋଶାଳା (ଜିଲ୍ଲାୱାରୀ) କେଉଁ କେଉଁ ସ୍ଥାନରେ ଅଛି, ଗତ ୫ ବର୍ଷରେ କେତୋଟି ଗୋଶାଳା ନିର୍ମିତ ହୋଇଛି ଏବଂ ଏଥିପାଇଁ ପ୍ରତି ଗୋଶାଳା ପିଛା କେତେ ଓ ସମୁଦାୟ କେତେ ଖର୍ଚ୍ଚ ହୋଇଛି ତାହାର ବର୍ଷୱାରୀ ଓ ଜିଲ୍ଲାୱାରୀ ତାଲିକା ଜଣାଇବେ କି, (ଖ) ଗତ ୩ ବର୍ଷ ମଧ୍ୟରେ ଏହି ଗୋଶାଳା ଗୁଡିକରେ  କେତେ ଗୋରୁ ମାନଙ୍କୁ ଥଇଥାନ କରାଯାଇଛି ତାହାର ଏକ ତୁଳନାତ୍ମକ ତଥ୍ୟ (ଗୋଶାଳାୱାରୀ) ପ୍ରତ୍ୟେକ ମାସରେ କେତେ ଆସିଛନ୍ତି ଓ ବର୍ତ୍ତମାନ କେତେ ଅଛନ୍ତି ?

----

## POTATO HUB ଭାବେ ଚିହ୍ନିତ ପାଇଁ ପ୍ରସ୍ତାବ

**4992 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟକୁ ଆଳୁ ଉତ୍ପାଦନ କ୍ଷେତ୍ର ରେ ଆତ୍ମନିର୍ଭରଶୀଳ କରିବା ପାଇଁ କି କି ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି ଜଣାଇବା ସହ ରାଜ୍ୟର କୌଣସି ନିର୍ଦ୍ଦିଷ୍ଟ ଅଂଚଳକୁ POTATO HUB ଭାବେ ଚିହ୍ନିତ କରିବା ପାଇଁ କିଛି ପ୍ରସ୍ତାବ ରହିଛି କି, ଆଳୁ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର କୌଣସି ପ୍ରକାରର ସ୍ୱତନ୍ତ୍ର ଯୋଜନା କରିବେ କି ?

----

## Investment in renewable energy sector

**4993 Shri Kalikesh Narayan Singh Deo (Bolangir):**

Will the Minister for **Energy** be pleased to state that:- Has the Govt. Department actively sought investments from private companies for renewable projects; Could the Govt. provide details on any recent MoUs signed with private or international companies in the energy sector; With the increasing need for energy to support industrial growth in Odisha, what specific policy incentives are being considered to attract long-term investments in the renewable energy sector ?

----

## Promotion of Traditional Handlooms

**4994 Shri Kalikesh Narayan Singh Deo (Bolangir):**

Will the Minister for **Textiles, Handlooms & Handicrafts** be pleased to state that:- What measures have been taken by the Odisha government to promote handloom, textile, and handicraft industries in Balangir District over the past three years; Provide the details on funding, skill development programs and marketing support initiatives. Are there any ongoing or proposed schemes to provide financial aid, raw material support or improved infrastructure for

weavers and artisans in Balangir district; What steps are being taken to promote Odisha's traditional handloom and handicraft products in national and international markets to boost sales and improve the livelihood of artisans?

----

### Promotion of science and technology

**4995 Shri Kalikesh Narayan Singh Deo (Bolangir):**

Will the Minister for **Science and Technology** be pleased to state that:- What initiatives has the Odisha government undertaken to promote science and technology in the state, particularly in Balangir District; (a) Are there any dedicated science research centers, innovation hubs or incubation centers established in Balangir District; (b) What steps are being taken to enhance digital literacy, especially in rural areas, and ensure access to emerging technologies like artificial intelligence, robotics and biotechnology; Has the Government introduced any scholarship or skill development programme to encourage students from Balangir District to pursue careers in science and technology?

----

### Women's participation in co-operative societies

**4996 Shri Kalikesh Narayan Singh Deo (Bolangir):**

Will the Minister for **Co-operation** be pleased to state that:- How many cooperative societies are currently functioning in Balangir District, the details on their categories (e.g., PACS, dairy, weavers, fisheries) and their membership count, what is the total amount of loans disbursed to farmers and self-help groups through co-operative banks in Balangir District during the last three financial years, what steps has the government taken to promote women's participation in cooperative societies, especially in rural areas like Balangir District?

----

### ଭିନ୍ନକ୍ଷମ ମାନଙ୍କୁ କାର୍ଡ ପ୍ରଦାନ

**4997 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ଅନ୍ତୋଦୟ ଅନ୍ନ ଯୋଜନା ରେ କେଉଁ କେଉଁ ଜିଲ୍ଲା ରେ କେତେ ଭିନ୍ନକ୍ଷମଙ୍କୁ ସାମିଲ କରାଯାଇଛି, ଭିନ୍ନକ୍ଷମ ମାନଙ୍କୁ ସ୍ୱତ ସାମିଲ ହେବା ପାଇଁ କି ବ୍ୟବସ୍ଥା କରାଯାଇଛି, ବ୍ଲକୱାରୀ ଭିନ୍ନକ୍ଷମ ମାନଙ୍କ ତାଲିକା ବିଭାଗ ନିକଟରେ ଅଛି କି, ଯଦି ହଁ ଭିନ୍ନକ୍ଷମ ମାନଙ୍କୁ କାର୍ଡ ପ୍ରଦାନ ନିମନ୍ତେ କିକି ବ୍ୟବସ୍ଥା କରାଯାଇଛି, ଯଦି ନା ତେବେ ବିଭାଗ ସଂଗ୍ରହ କରି କାର୍ଡ ପ୍ରଦାନ କରିବେ କି ?

----

## ପଣସ ମିଶନ

**୪୨୨୪ ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ପଣସ ମିଶନ କେବେ ଆରମ୍ଭ ହୋଇଥିଲା, ଅଦ୍ୟାବଧି ଉକ୍ତ ମିଶନ ନିମନ୍ତେ ବର୍ଷ ୱାରୀ କେତେ ଅର୍ଥ ବ୍ୟୟ କରାଯାଇଅଛି ଓ ଚଳିତ ଆର୍ଥିକ ବର୍ଷରେ କେତେ ଅର୍ଥ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି, ଆଗାମୀ ପାଞ୍ଚ ବର୍ଷ ପାଇଁ ପଣସ ମିଶନ ପାଇଁ ଥିବା ଯୋଜନା ଉଲ୍ଲେଖ କରିବେ କି ଏବଂ ଏଥିରେ କେତେ ଚାଷୀ ଉପକୃତ ହୋଇଛନ୍ତି ତାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ଜଳବିଦ୍ୟୁତ୍ ଉତ୍ପାଦନ ଏବଂ ବଣ୍ଟନ

**୪୨୨୨ ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ः**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ମୋଟ କେତେଟି ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଛି ଏବଂ ସେମାନଙ୍କର ମୋଟ ଉତ୍ପାଦନ କ୍ଷମତା କେତେ, ପୁନଃ ନବୀକରଣ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକର ଅବସ୍ଥା କେମିତି ଅଛି ଏବଂ ସେମାନଙ୍କୁ ବିକାଶ କରିବା ଓଡ଼ିଶାରେ ଜଳବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ କୌଣସି ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି କି, ରାଜ୍ୟରେ ଜଳବିଦ୍ୟୁତ ଉତ୍ପାଦନ ଏବଂ ବଣ୍ଟନରେ ବୈଦେଶିକ ନିବେଶ ଆକର୍ଷଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିବେ କି ?

----

## ତହବିଲର ବ୍ୟବହାର

**5000 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ः**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପରିଚାଳିତ ପ୍ରକଳ୍ପଗୁଡ଼ିକରେ ଗତ ୧ ବର୍ଷରେ ତହବିଲର ବ୍ୟବହାର ସ୍ଥିତି କେମିତି ରହିଛି, ଏହି କ୍ଷେତ୍ରରେ ରାଜ୍ୟ ସରକାର କୌଣସି ଅନ୍ତର୍ଜାତୀୟ ସଂସ୍ଥା ସହିତ ଗୁରୁତ୍ୱପୁର୍ଣ୍ଣ ହସ୍ତାକ୍ଷର କରିଛି କି, ନୂତନ ନିବେଶ ଆକର୍ଷଣ ପାଇଁ ସରକାର କୌଣସି ବିଶେଷ ପଦକ୍ଷେପ ଗ୍ରହଣ କରିଛି କି, ସ୍ଥାନୀୟ ଶିଳ୍ପୀମାନଙ୍କ ପାଇଁ ବଜାର ସୁବିଧା ଏବଂ ବିପଣନ ସୁବିଧାଗୁଡ଼ିକ କେମିତି ବୃଦ୍ଧି କରାଯାଉଛି ?

----

## ଉଦ୍ୟୋଗ ସ୍ଥାପନ ପାଇଁ ଋଣ ମଞ୍ଜୁର

**5001 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ः**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ କେତୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ ପାଇଁ କେତେ ଟଙ୍କା ବ୍ୟାଙ୍କ ଋଣ ମଞ୍ଜୁର ହୋଇ ବଣ୍ଟନ କରାଗଲାଣି, ତାର ସୁଧ ହାର କେତେ, ଏସବୁ ବାବଦରେ ସରକାର କେତେ ଟଙ୍କାର କି କି ରିହାତି ମଞ୍ଜୁର କରି ଦେଇଛନ୍ତି, ଗତ ଆର୍ଥିକ ବର୍ଷ ତୁଳନାରେ ଏସବୁ କେତେ ପ୍ରତିଶତ ଅଧିକ ବା କମ ଏବଂ କେତେ ୟୁନିଟର କେତେ ଟଙ୍କାର ଋଣ ଆବେଦନ ଏୟାଏଁ ମଞ୍ଜୁର ହୋଇ ନାହିଁ ବା ପ୍ରତ୍ୟାଖ୍ୟାନ ହୋଇଯାଇଛି ?

----

## ବିକ୍ରି ହୋଇଥିବା ବିଦ୍ୟୁତ ଶକ୍ତିର ପରିମାଣ

5002 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶା ଏବେ ବାହାର ରାଜ୍ୟକୁ ବିଦ୍ୟୁତ ଶକ୍ତି ବିକ୍ରି କରୁଛି କି ଓ ଉତ୍ତର ହଁ ହୋଇଥିଲେ ଗତ ଆର୍ଥିକ ବର୍ଷରେ ଓ ଚଳିତ ଆର୍ଥିକ ବର୍ଷ ଏୟାଏଁ କେତେ ବିଦ୍ୟୁତ ଶକ୍ତି କେଉଁ କେଉଁ ରାଜ୍ୟକୁ ବା ଜାତୀୟ ସଂସ୍ଥାକୁ ବିକ୍ରିକରାଗଲାଣି ଏବଂ ସେ ବାବଦରେ ଓଡ଼ିଶା କେତେ ଟଙ୍କା ପାଇଛି ?

----

## ହସ୍ତତନ୍ତରୁ ଉତ୍ପାଦିତ ବସ୍ତ୍ର ବିକ୍ରୀ

5003 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବର୍ଷକୁ କେତେ ଲୁଗାପଟା ହସ୍ତତନ୍ତ ରୁ ଉତ୍ପାଦିତ ବସ୍ତ୍ର ଓ ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦିତ ଓ ବିକ୍ରି ହେଉଛି ଏବଂ ତାର ବାର୍ଷିକ ବୃଦ୍ଧି ବା ହ୍ରାସ ହାର କେତେ ସବୁର ରପ୍ତାନୀ କାରବାର କଣ ଓ ତାର ବାର୍ଷିକ ବୃଦ୍ଧି ବା ହ୍ରାସ ହାର କେତେ ?

----

## ବଡଚଣା ଗୃହ ନିର୍ମାଣ ଋଣର ପରିମାଣ

5004 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡଚଣା ବ୍ଲକରେ କେତେ ଗୃହହୀନ ପରିବାରକୁ ରାଜ୍ୟ ଗ୍ରାମ୍ୟ ଗୃହ ନିର୍ମାଣ ସମବାୟ ନିଗମ ଓ ଗ୍ରାମ୍ୟ ଗୃହ ନିର୍ମାଣ ସମବାୟ ସମିତି ପକ୍ଷରୁ ଗତ 5ଟି ଆର୍ଥିକ ବର୍ଷରେ କେତେ ରାଶିର ଗୃହ ନିର୍ମାଣ ଋଣ ପ୍ରଦାନ ହୋଇଛି ଯଦି ହଁ ତେବେ ଋଣ ପ୍ରଦାନର ତଥ୍ୟ, ପଞ୍ଚାୟତ ୱାରୀ ତଥ୍ୟ ପ୍ରଦାନ କରିବେ କି, ଯଦି ନୁହେଁ, ତାହେଲେ ଭବିଷ୍ୟତରେ ନିଗମ ବା ସମିତି ପକ୍ଷରୁ ଗୃହ ନିର୍ମାଣ ଋଣ ଦେବା ପାଇଁ ଯୋଜନା ରହିଛି କି ?

----

## ଯାଜପୁର କାରିଗର ମାନଙ୍କ ପାଇଁ ଥିବା ଯୋଜନା

5005 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲାର ବୁଣାକାର ଓ ହସ୍ତଶିଳ୍ପ କାରିଗର ମାନଙ୍କ ନିମନ୍ତେ ସରକାରଙ୍କର କି କି ଯୋଜନା ଅଛି ସେହି ଯୋଜନା ଦ୍ୱାରା କେତେ ଜଣ ଲାଭାନ୍ୱିତ ହେଉଛନ୍ତି, ତାର ତଥ୍ୟ ବ୍ଲକ ଏବଂ ସହରାଞ୍ଚଳ ୱାରୀ ପ୍ରଦାନ କରିବେ କି, ଏହାସହ ମୃତ୍ତିକା ଶିଳ୍ପ, ପଥର ଶିଳ୍ପ, କଂସାବାସନ ଶିଳ୍ପୀ ଓ ରଙ୍ଗ ଶିଳ୍ପୀ ମାନଙ୍କୁ ଆବଶ୍ୟକ କଞ୍ଚାମାଲ ଠିକଣା ସମୟରେ ଯୋଗାଇବା ସହ ବଜାର ସୁବିଧା ନିମନ୍ତେ ପଦକ୍ଷେପ ନେବେ କି ?

----

## ଯାଜପୁର ଜିଲ୍ଲାରେ ବିଦ୍ୟୁତ ସଂଯୋଗ

5006 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲାର କେଉଁ କେଉଁ ଗ୍ରାମକୁ ଆଜି ସୁଦ୍ଧା ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ, ଏସବୁର ତଥ୍ୟ ବ୍ଲକ ଓ ପଞ୍ଚାୟତ ୱାରୀ ପ୍ରଦାନ କରିବେ କି, ଯଦି କୌଣସି ରାଜସ୍ୱ ବା ପଡା ଗାଁର ଲୋକମାନେ, ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି, ସେହି ସମସ୍ତ ଗ୍ରାମକୁ କେବେ ସୁଦ୍ଧା ବିଦ୍ୟୁତ ସଂଯୋଗ ହେବ ?

----

## ବଡଚଣାରେ ଋଣ ପ୍ରଦାନ

5007 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- PMGEP, PMFME, ଓଡିଶା ଶିଳ୍ପନୀତି 2022, ଓଡିଶା MSME ବିକାଶ ନୀତି 2022 ଏବଂ ଓଡିଶା ଖାଦ୍ୟ ପ୍ରକ୍ରିୟା କରଣ ନୀତି 2022 ଅଧିନରେ ବଡଚଣାର କେତେ ବ୍ୟକ୍ତିଙ୍କୁ ଗତ 2ଟି ଆର୍ଥିକ ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ସୁଦ୍ଧା କେତେ ଋଣ ପ୍ରଦାନ ହୋଇଛି, ସେମାନଙ୍କ ତଥ୍ୟ ହିତାଧିକାରୀ, ପ୍ରକଳ୍ପ ଏବଂ ପଞ୍ଚାୟତ ୱାରୀ ପ୍ରଦାନ କରିବେ କି ଏହିସବୁ ପ୍ରକଳ୍ପ ଦ୍ୱାରା ବଡଚଣାର କେତେ ବ୍ୟକ୍ତିଙ୍କୁ କର୍ମସଂସ୍ଥାନ ମିଳିଛି ତାର ତଥ୍ୟ ପଞ୍ଚାୟତ ୱାରୀ ପ୍ରଦାନ କରିବେ କି ?

----

## ଖଦୀ ଓ ଗ୍ରାମୋଦ୍ୟୋଗ ବ୍ୟବସ୍ଥାର ଉନ୍ନତିକରଣ

5008 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ ଖଦୀ ଓ ଗ୍ରାମୋଦ୍ୟୋଗ ବ୍ୟବସ୍ଥାର ଉନ୍ନତିକରଣ କରି ଏହା ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Token ପାଇଁ ଧାନ ବିକ୍ରି କରିନଥିବା ଚାଷୀଙ୍କ ତାଲିକା

5009 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ KMS 2024-25 ରେ ବିଭିନ୍ନ ଜିଲ୍ଲାରେ କେତେ କେତେ ଧାନ ସଂଗ୍ରହର ଲକ୍ଷ୍ୟ ଥିଲା, ଜିଲ୍ଲା ୱାରୀ Target ଏଯାବତ Procumbent ଏବଂ କଟଣି ଛଟଣି ତଥ୍ୟ ଜଣାଇବେ କି ଆଜି ସୁଦ୍ଧା କେତେ ଚାଷୀ Token ପାଇ ଧାନ ବିକ୍ରୀ କରିପାରିନାହାନ୍ତି ତାର ତାଲିକା ଦେବା ସଙ୍ଗେ ସଙ୍ଗେ ସମସ୍ତଙ୍କଠାରୁ ଧାନ ସଂଗ୍ରହ ପାଇଁ କି ବ୍ୟବସ୍ଥା କରୁଛନ୍ତି କେବେ ସୁଦ୍ଧା ସମସ୍ତ ବଳକା ଧାନ କିଣାଯିବ ?

----

## ଚାଉଳ ପାଉଥିବା ହିତାଧିକାରୀଙ୍କ ସଂଖ୍ୟା

5010 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉଭୟ କେନ୍ଦ୍ରୀୟ ଓ ନିଜସ୍ୱ ଯୋଜନାରେ କେନ୍ଦୁଝର ଜିଲ୍ଲାରେ କେତେ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷାରେ ମାଗଣା ଚାଉଳ ପ୍ରଦାନ କରାଯାଉଥିଲା ବ୍ଲକ ୱାରୀ ଏହି ହିତାଧିକାରୀମାନଙ୍କର ଏବଂ ଅନ୍ତୋଦୟ ଅନ୍ନ ଯୋଜନାରେ ଚାଉଳ ପାଉଥିବା ହିତାଧିକାରୀଙ୍କ ସଂଖ୍ୟା କେତେ ପରବର୍ତ୍ତୀ ପରିସ୍ଥିତିରେ ନୂଆ Survey ଆଧାରରେ ଏମାନଙ୍କ ସଂଖ୍ୟା କେତେ ବଢ଼ିଛି ବା କମିଛି ?

----

## Grid Substation ପ୍ରତିଷ୍ଠା

5011 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ସର୍ବମୋଟ 33/11 KVA Electric Substation କାର୍ଯ୍ୟକ୍ଷମ ଅଛି, କେତୋଟି ନିର୍ମାଣଧୀନ ଅଛି ଏବଂ କେତୋଟିର କାମ ଆରମ୍ଭ ହୋଇନାହିଁ ଜଣାଇବା ସଙ୍ଗେ ସଙ୍ଗେ ଜନ ସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ଏବଂ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ନିମନ୍ତେ ଜିଲ୍ଲାର ଆଉ କେଉଁ କେଉଁଠାରେ କେତେଗୋଟି ଏହି କ୍ଷମତା ସମ୍ପନ୍ନ Grid Substation ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖାଯାଇଛି ?

----

## ଗାଡିରେ GPS ଲଗାଇବାକୁ ବିଜ୍ଞପ୍ତି

5012 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଖାଉଟୀ ସାମଗ୍ରୀ ପରିବହନ କରୁଥିବା ପରିବହନ ଠିକାଦାର ଗାଡିରେ GPS ଲଗାଇବାକୁ କେଉଁ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ଓ କେଉଁ ତାରିଖରେ ଏହା ପ୍ରତ୍ୟାହାର ହୋଇଛି ଓ ଏହା କେବେ ସୁଦ୍ଧା ଲାଗୁ କରାଯିବ ?

----

## ଭୂତଳ କେବୁଲ ବ୍ୟବସ୍ଥା

5013 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସଦର ଓ ଚୌଦ୍ୱାର ସହରରେ ଅଦ୍ୟାବଧି କେତେ ଶତାଂଶ ଭୂତଳ କେବୁଲ ବ୍ୟବସ୍ଥା ସମ୍ପାଦନ ହୋଇଛି ଓ ଏହା କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ କରାଯିବ ?

----

## ଟସର ମାଧ୍ୟମରେ ଆତ୍ମ ନିଯୁକ୍ତି

5014 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ରାଜ୍ୟର କେଉଁ ଜିଲ୍ଲାରେ ଟସର ମାଧ୍ୟମରେ କେତେ ବ୍ୟକ୍ତି ଆତ୍ମନିଯୁକ୍ତି ସୁଯୋଗ ପାଉଛନ୍ତି ଏହା ମାଧ୍ୟମରେ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ଓଡିଶା ଅର୍ଥ ନିଗମ କୁ ପୁନଃ କାର୍ଯ୍ୟକ୍ଷମ

5015 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ଅର୍ଥ ନିଗମ କେବେଠାରୁ ବନ୍ଦ ଅଛି ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଛି ?

----

## ଆର୍ଥିକ ସ୍ୱଚ୍ଛଳ କରିବା ନିମନ୍ତେ ନେଇଥିବା ପଦକ୍ଷେପ

5016 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2019 ରୁ 2024 ଆର୍ଥିକ ବର୍ଷ ମଧ୍ୟରେ ରାୟଗଡା ଜିଲ୍ଲାରେ ଥିବା ବୟନଶିଳ୍ପ, ହସ୍ତତନ୍ତ୍ର ଓ ହସ୍ତଶିଳ୍ପ କାରୀଗର/ସଂସ୍ଥା ମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ନିମନ୍ତେ କି କି ପଦକ୍ଷେପ ନେଇଛନ୍ତି ଏବଂ ଏ ବାବଦରେ ମୋଟ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ସେମାନଙ୍କ ନାମ ଓ ଠିକଣା ରାୟଗଡା ଜିଲ୍ଲାୱାରୀ ପ୍ରକାଶ କରିବେ କି ?

----

## ରାୟଗଡା ଜିଲ୍ଲାରେ ମରୁଡି ହୋଇଥିବା ଜମିର ପରିମାଣ

5017 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାରେ ମରୁଡି କେତେ ପରିମାଣର ଜମିରେ ହୋଇଅଛି ଏବଂ ଏଥିରେ କେତେଜଣ ଚାଷୀଙ୍କୁ ଜମିରେ କେତେ ଫସଲ ନଷ୍ଟ ହୋଇଅଛି ଏହାର ତାଲିକା ଜିଲ୍ଲାୱାରୀ, ଚାଷୀୱାରୀ ପ୍ରଦାନ କରିବେ କି, ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ଚାଷୀଙ୍କୁ କି କି ଯୋଜନାରେ କେତେ ପରିମାଣରେ ସହାୟତା ଦିଆଯାଇଛି ତାହାର ତାଲିକା ଚାଷୀୱାରୀ ପ୍ରଦାନ କରିବେ କି ?

----

## OMBADC ର ପୋଖରୀ ଖନନ

5018 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲାରେ Odisha Mineral Bearing areas Development Corporation (OMBADC) କାର୍ଯ୍ୟ କରୁଛନ୍ତି ଏବଂ ପୋଖରୀ ଖନନ କରୁଛନ୍ତି ବିଗତ 5 ବର୍ଷରେ OMBADC ବିଭିନ୍ନ ସ୍ଥାନରେ କେତେ ପୋଖରୀ ଖନନ କରିଛନ୍ତି ତାହାର ଏକ ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## Partially Electrified ଗ୍ରାମର ବିବରଣୀ

5019 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲା କେଉଁ କେଉଁ ଗ୍ରାମ Partially Electrified/UN-Electrified Category ଯୋଗୁଁ ଅଛି ତାର ଏକ ବିବରଣୀ ଦେବେ କି ଏହି ସବୁ ଗ୍ରାମ ଗୁଡିକ Fully Electrified କରିବା ପାଇଁ କି କି ଆବଶ୍ୟକତା ରହିଛି, ତାର ଏକ ବିବରଣୀ ଦେବା ସହିତ ଏହି ଆବଶ୍ୟକତା ଗୁଡିକ କିଭଳି ଏବଂ କେବେ ସୁଦ୍ଧା ପୂରଣ କରାଯିବ ?

----

## ନିର୍ମାଣଧିନ ଥିବା ୟୁନିଟର ସଂଖ୍ୟା

5020 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ଘରୋଇ ସଂସ୍ଥା ବା ଶିଳ୍ପଦ୍ୟୋଗୀ, କେତୋଟି ସୌର ଉତ୍ପାଦନ ୟୁନିଟ୍ ଓ ଅନ୍ୟାନ୍ୟ ଅଣତାପଜ ବିଦ୍ୟୁତ୍ ଉତ୍ପାଦନକାରୀ ୟୁନିଟ୍ ସ୍ଥାପନ କରି ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ସଂସ୍ଥାକୁ କେତେ ପରିମାଣର ବିଦ୍ୟୁତ୍ ବିକ୍ରି କରୁଛନ୍ତି, ଏପରି ଆଉ କେତୋଟି ୟୁନିଟ୍ ନିର୍ମାଣାଧିନ ଅବସ୍ଥାରେ ଅଛି ଓ ସେସବୁର ଉତ୍ପାଦନ କ୍ଷମତା କେତେ, ଏ ସବୁ ସଂସ୍ଥାକୁ ସରକାର କି ପ୍ରକାର ପ୍ରୋତ୍ସାହନ ଦେଇଛନ୍ତି ?

----

## AADHAR କେନ୍ଦ୍ର କାର୍ଯ୍ୟକ୍ଷମ

5021 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- AADHAR ପଞ୍ଜିକରଣ ସଂଶୋଧନ ଜନିତ ସେବା ପାଇଁ ମାଲକାନଗିରି ଜିଲ୍ଲାର କି ପ୍ରକାର ସୁବିଧା ଓ କେନ୍ଦ୍ର ମାନ ରହିଛି ତାହାର ଏକ ସୂଚୀ ପ୍ରଦାନ କରିବେ କି ମୋବାଇଲ Internet facility ର ଅଭାବ ଯୋଗୁଁ AADHAR ଜନିତ କାର୍ଯ୍ୟର ଜନସାଧାରଣ ବହୁ ଅସୁବିଧା ଭୋଗୁଛନ୍ତି, ଏହାର ନିରାକରଣ ଓ ନିରନ୍ତର ସେବା ପାଇଁ କି ପ୍ରକାର ବ୍ୟବସ୍ଥା ରହିଛି ଓ କରାଯିବ ଜଣାଇବେ କି?

----

## ଜଳ ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନ କ୍ଷମତା

5022 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଦ୍ୟୁତ୍ ସେବାରୁ ବଞ୍ଚିତ ପଞ୍ଚାୟତଓ୍ଵାରୀ ପରିବାର ସଂଖ୍ୟା କେତେ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଦ୍ୟୁତ୍ ସେବା ଯୋଗାଇବାର ପ୍ରଶାସନିକ ଅବ୍ୟବସ୍ଥା ଓ ପ୍ରକ୍ରିୟା କଣ, ବିଦ୍ୟୁତ୍ ବିଲ୍ ଓଡିଆରେ ଛପା ଯିବା ଦିଗରେ ସରକାରଙ୍କ ମତ କ'ଣ ଓ ମାଲକାନଗିରି ଜିଲ୍ଲାରେ ରିହାତି ମୂଲ୍ୟରେ ବିଦ୍ୟୁତ୍ ଯୋଗାଇ ଦେବାରେ ଆଇନଗତ ପ୍ରତିବନ୍ଧକ ଗୁଡିକ କଣ, ଜିଲ୍ଲାରେ ଉତ୍ପାଦିତ ବିଦ୍ୟୁତ୍, ଘରୋଇ ଓ ବ୍ୟବସାୟିକ ଗ୍ରାହକଙ୍କ ବିଦ୍ୟୁତର ପରିମାଣ କେତେ ?

----

## ବିଭିନ୍ନ କାର୍ଯ୍ୟର ବିବରଣୀ

5023 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ 4 ବର୍ଷରେ କୃଷି ବିଭାଗ ଦ୍ଵାରା କରାଯାଇଥିବା ବିଭିନ୍ନ କାର୍ଯ୍ୟର Block Wari ବିବରଣୀ ମାଲକାନଗିରି ଜିଲ୍ଲାପାଇଁ ପ୍ରଦାନ କିରବେ କି, ଜିଲ୍ଲାରେ ଥିବା ଖାଦ୍ୟ ପ୍ରକ୍ରିୟିୟାକରଣ କେନ୍ଦ୍ର ଗୁଡିକର ତାଲିକା ଓ ଗତ ଦୁଇ ବର୍ଷର କାର୍ଯ୍ୟସୂଚୀ ପ୍ରଦାନ କରିବେ କି, ଜିଲ୍ଲାରେ ଥିବା ବିଭିନ୍ନ ଫଳ ବଗିଚାର ବିବରଣୀ, ଜଳ ସେଚନର ସୁଯୋଗ ଥାଇ ମଧ୍ୟ ଅଣଜଳସେଚିତ ହୋଇପଡିଥିବା ଚାଷ ଜମିର ପରିମାଣ କେତେ, ଆଧୁନିକ କୃଷି ପାଇଁ ତାଲିମ୍ ପ୍ରାପ୍ତ ଅଧିକାରୀ ଓ କୃଷି ସୂଚନା ପ୍ରଦାନ କରିବେ କି ?

----

## ବାଲିଗୁଡାରେ ଥିବା ବୁଣାକାରଙ୍କ ସଂଖ୍ୟ

5024 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କେତେଜଣ ସୁନାରୂପା ତାରକସି କାମ କରୁଥିବା ପରିବାର ଅଛନ୍ତି, କେତେ ପ୍ଲାଷ୍ଟିକ ସୂତା, ବୁଣାବୁଣି ଓ କେତେଜଣ ଲୁଗାପଟା ବୁଣାବୁଣି କରୁଥୁବା ବୁଣାକାର ଅଛନ୍ତି, କେତେ ବୁଣାବୁଣି କରୁଥିବା ମିସ୍ତ୍ରୀ କେତେ କମାରଶାଳରେ କାମ କରୁଥିବା ମିସ୍ତ୍ରୀ, କେତେ କୁମ୍ଭାର ଓ ରଙ୍ଗଶିଳ୍ପୀ ଅଛନ୍ତି ?

----

## ବାଲିଗୁଡାରେ ପ୍ରତିଘରକୁ ବିଦ୍ୟୁତ୍ ସଂଯୋଗ

5025 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲିଗୁଡା ନିର୍ବାଚନ ମଣ୍ଡଳୀର Revenue Villageରେ ପରିବାର ଓ ପଡ଼ାଗାଁରେ ଥିବା ପରିବାରମାନେ କେହି ଅନ୍ଧାରରେ ରହିବେନି କି ବିନା ବିଜୁଳି ସଂଯୋଗରେ ରହିବେନି ସେଥିପାଇଁ ସୁନିଶ୍ଚିତ ବିଜୁଳି ସଂଯୋଗ ପ୍ରତି ଘରକୁ ଦେବା ପାଇଁ ବ୍ୟବସ୍ଥା କରିବେ କି; କେତେ ପରିବାର ଆଜି ପର୍ଯ୍ୟନ୍ତ ବିଜୁଳି ସଂଯୋଗ ପାଇନାହାନ୍ତି ତାର କାରଣ କହିବେ କି ?

----

## ବାଲିଗୁଡାରେ ଯାଆଁଳ ଚିଙ୍ଗୁଡି ଛାଡିବା ପାଇଁ ପଦକ୍ଷେପ

5026 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ବଡ ପୋଖରୀ ଏବଂ ବନ୍ଧ କରି କେବଳ ମାଛ ଚାଷ ପାଇଁ ଯାଆଁଳ ଚିଙ୍ଗୁଡି ଛାଡିବା ପାଇଁ ସରକାର ପଦକ୍ଷେପ ନେବାସହ ସ୍ଥାନୀୟ ଯୁବକମାନଙ୍କୁ ହାତକୁ କାମ ମିଳିବା ସହ ପଞ୍ଚାୟତର ରୋଜଗାର କରିବା ପାଇଁ ପଦକ୍ଷେପ ନେବେ କି ?

----

## Prefeasibility Study ପାଇଁ ବ୍ୟବସ୍ଥା

5027 **ଶ୍ରୀ ମାଧବ ଧଡା (ସୋରୋ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- - (କ) ବାହାନଗା ବ୍ଲକ ର ସାମୁଦ୍ରିକ ତଟବର୍ତ୍ତୀ ଅଞ୍ଚଳରେ Wind Energy ବ୍ୟବସ୍ଥା ପ୍ରଚଳନ ପାଇଁ ସରକାର ଏକ ଟିମ୍ ଦ୍ୱାରା prefeasibility study ପାଇଁ ବ୍ୟବସ୍ଥା କରିବେ କି; ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ; (ଖ) ସମଗ୍ର ରାଜ୍ୟରେ କେତୋଟି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର କାର୍ଯ୍ୟକ୍ଷମ ଅଛି; ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲା ରେ ନୂତନ ଆଂଚଳିକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ନିଷ୍ପତି ନେବେ କି, ଗ୍ରାମାଞ୍ଚଳ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଓ ବିଜ୍ଞାନ ଶିକ୍ଷା ଅଧିକ ସହଜ ଓ ସରଳ କରିବା ପାଇଁ ବିଦ୍ୟାଳୟଗୁଡିକୁ ଅତ୍ୟାଧୁନିକ ବିଜ୍ଞାନ ଉପକରଣ ଯୋଗାଇ ଦେବା ପାଇଁ ସରକାରଙ୍କର କଣ ଯୋଜନା ରହିଛି ; ଏବଂ ସୋର ଓ ବାହାନଗା ବ୍ଲକ ରେ ଅବସ୍ଥିତ ବିଦ୍ୟାଳୟରେ ବିଜ୍ଞାନମେଳାର ଆୟୋଜନ ପାଇଁ ୨୦୦୯ ରୁ ୨୦୨୪ ବର୍ଷ ମଧ୍ୟରେ ବିଭାଗ କଣ କଣ ପଦକ୍ଷେପ କରିଛନ୍ତି ତାହାର ସବିଶେଷ ତଥ୍ୟ ବର୍ଷ ୱାରୀ ପ୍ରଦାନ କରିବେ କି ?

----

## କାରିଗର ମାନଙ୍କୁ ପ୍ରୋତ୍ସାହନ ଭତ୍ତା ଓ ଦକ୍ଷତା ବିକାଶ

5028 **ଶ୍ରୀ ମାଧବ ଧଡା (ସୋରୋ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋର ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ପ୍ରକାର ହସ୍ତଶିଳ୍ପ କାରିଗରମାନେ ନିଜର କୂଳବେଉସା ଛାଡ଼ି ଅନ୍ୟତ୍ର କାମ କରୁଛନ୍ତି ଓ କେତେ ଶିଳ୍ପୀ ନିଜର କୂଳବେଉସା ଛାଡ଼ି ନାହାନ୍ତି କହିବେ କି; ବିଶେଷକରି ବାଉଁଶ, ତାଳପତ୍ର ଓ ମାଟି ତିଆରି ସାମଗ୍ରୀ ଯଥା କୁଲା ବାଉଁଶିଆ, ଭୋଗ ଡ଼ାଲା, ମାଟି ହାଣ୍ଡି, ମାଠିଆ, କଳସ, ସରା ଆଦିର ବ୍ୟବହାର ଦିନକୁ ଦିନ କମୁଥିବାବେଳେ କେବଳ ଓଷା, ବାହାଘର, ବ୍ରତ, ପର୍ବପର୍ବାଣୀରେ ବ୍ୟବହାର ହେଉଥିବାବେଳେ କାରିଗରମାନଙ୍କର ରୋଜଗାର କ୍ଷତିରେ ପହଞ୍ଚିଥିବାରୁ ଏମାନଙ୍କୁ ସରକାର ପ୍ରୋତ୍ସାହନ, ଭତ୍ତା ଓ ଦକ୍ଷତା ବିକାଶ ପାଇଁ ସୁବିଧା କରିବେ କି; କାରିଗର ମାନଙ୍କର ଭବିଷ୍ୟତ ପ୍ରତିସରକାର ଦୃଷ୍ଟି ଦେବେ କି ; (ଖ) ସୋର ଓ ବାହାନଗା ବ୍ଲକ ରେ ମୋଟ କେତେ ବାଉଁଶ, ତାଳପତ୍ର ଓ ମାଟି ତିଆରି କାରିଗର / କୂଳବେଉସା ବୃତ୍ତି ରେ କେତେଜଣ ପୁରୁଷ ମହିଳା ବୁଣା କାରିଗର କାର୍ଯ୍ୟରେ ନିୟୋଜିତ ଅଛନ୍ତି ?

----

## ପୁରୁଣା ତାର ବଦଳାଇ Cable ଟଣାଯିବା ପାଇଁ ବ୍ୟବସ୍ଥା

5029 **ଶ୍ରୀ ମାଧବ ଧଡା (ସୋରୋ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଦ୍ୟୁତ ଖୁଣ୍ଟ ଗୁଡିକରେ ତାର ଗୁଡିକ ଅତି ବିପଦ ସଂକୁଳ ଅବସ୍ଥାରେ ଝୁଲି ରହିବା ଫଳରେ ଅନେକ ସ୍ଥାନରେ ଦୁର୍ଘଟଣା ଘଟୁଛି ଗତ ଦାନା ବାତ୍ୟା ପରେ ତରବରିଆ ଭାବେ ସେହି ପୁରୁଣା ତାର ଗୁଡିକୁ ଟାଣି ବିଦ୍ୟୁତ୍ ସଂଯୋଗ ବିଷୟ ବିଭାଗ ଅବଗତ ଅଛି କି?, ଦୁଇଗୋଟି ବ୍ଲକ ର ଗ୍ରାମପଞ୍ଚାତ ଓ ମ୍ୟୁନିସିପାଲଟିର ୱାର୍ଡ ୱାରୀ ସର୍ଭେ କରି କେବେ ସୁଦ୍ଧା ସେଗୁଡିକୁ ବଦଳାଇ Cable ଟଣାଯିବା ସହିତ ନୂତନ ବିଦ୍ୟୁତ ଖୁଣ୍ଟ ର ବ୍ୟବସ୍ଥା କରିବେ ; (ଖ) ସୋର ନିର୍ବାଚନ ମଣ୍ଡଳୀରେ ବିଦ୍ୟୁତ ଯୋଗାଣ ପାଇଁ ବିଭିନ୍ନ ଜନବସତି ମାନଙ୍କରେ ବସା ଯାଉଥିବା ଟ୍ରାନ୍ସଫରମର୍ ଗୁଡିକର ଯେତିକି କ୍ଷମତା ଅଛି, ଦେଖାଯାଉଛି ସମୟକ୍ରମେ ସେହି ଟ୍ରାନ୍ସଫରମରରୁ ଅଧିକ ପରିମାଣର ବିଦ୍ୟୁତ ସଂଯୋଗ କରାଯାଉଛି ଫଳରେ ସେହି ଟ୍ରାନ୍ସଫର୍ମରଟି ଖୁବ୍ ଶୀଘ୍ର ଅଚଳ ହୋଇପଡୁଛି ଏବଂ ଏହି ଅଚଳ ଅବସ୍ଥା ଦୀର୍ଘ ଦିନ ଧରି ଜାରି ରହୁଛି ତେଣୁ ଏ ଦିଗରେ ପ୍ରତିକାର ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ଏବଂ ଆସନ୍ତା ଗ୍ରୀଷ୍ମ ଋତୁ ପୂର୍ବରୁ 16 KVA ଓ 25 KVA transformer ଗୁଡିକୁ ବଦଳାଇ ସେ ସ୍ଥାନରେ 63 KVA କିମ୍ୱା 100 KVA transformer ଲଗାଇବାର ବ୍ୟବସ୍ଥା କରିବେ କି ?

----

## PM ସୂର୍ଯ୍ୟଘର ପାଇଁ ଆବେଦନ

5030 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- P.M. ସୂର୍ଯ୍ୟଘର ଯୋଜନାରେ ଆବେଦନର କେତେ ଦିନମଧ୍ୟରେ ଜଣେ ଆବେଦନକାରୀ ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି, P.M. ସୂର୍ଯ୍ୟଘର ଯୋଜନାରେ ସାମିଲ ହେବା ନିମନ୍ତେ ଗଜପତି ଜିଲ୍ଲା ଓ ଖୋର୍ଦ୍ଧା ଜିଲ୍ଲାରେ କେତେ ଜଣ ଆବେଦନ କରିଥିଲେ ଏବଂ କେତେଜଣଙ୍କ ଘରେ ସୌର ପ୍ରକଳ୍ପ ସ୍ଥାପନ ହୋଇଛି ?

----

## ଛାତ୍ରପୁରରେ ଗଭୀର ନଳକୂପ ଖନନ

5031 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ କୃଷକ ମାନଙ୍କ ପାଇଁ କୃଷି ବିଭାଗରେ ଏକକ ଗଭୀର ନଳକୂପ (Borewell) କରେଇବା ବ୍ୟବସ୍ଥା ଅଛି, ଯାହାର ସର୍ବାଧିକ ରିହାତି 20,000 ଟଙ୍କା ରହିଛି କିନ୍ତୁ ପର୍ଯ୍ୟାପ୍ତ ପରିମାଣର ଟାର୍ଗେଟ ନଦେବା ହେତୁ ଚାଷୀ ସେଥିରୁ ବଞ୍ଚିତ ହେଉଛନ୍ତି, ତେଣୁ କେତେ ଅଧିକା ଟାର୍ଗେଟ ଛତ୍ରପୁର ବ୍ଲକ ଓ ଗଞ୍ଜାମ ବ୍ଲକକୁ 2025-26 ଆର୍ଥିକ ବର୍ଷରେ କେତେ କୃଷି ବିଭାଗ ତରଫରୁ ଏକକ ଗଭୀର ନଳକୂପ ଖନନ କରିବା ପାଇଁ ଯୋଜନା କରାଯାଇଛି ?

----

## ସର୍କଲ ପାଇଁ ପଦବୀ ପୂରଣ

5032 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଛତ୍ରପୁର ନିର୍ବାଚନ ମଣ୍ଡଳୀର ଛତ୍ରପୁର ବ୍ଲକରେ ୧୪ ଗୋଟି ଗ୍ରାମପଞ୍ଚାୟତ ରହିଥିବା ବେଳେ ୨ ଗୋଟି ଗ୍ରାମ୍ୟ କୃଷି କର୍ମଚାରୀ ସର୍କଲ ରହିଛି ଓ ସେହି ୨ ଗୋଟି ସର୍କଲରେ ୨ଜଣ ଗ୍ରାମ୍ୟ କୃଷି କର୍ମଚାରୀ ରହିବା କଥା କିନ୍ତୁ ଛତ୍ରପୁର ଜିଲ୍ଲାର ସଦରମହକୁମା ହୋଇଥିବା ବେଳେ ସେଠାରେ ମାତ୍ର 4 ଜଣ ଗ୍ରାମ୍ୟ କୃଷି କର୍ମଚାରୀ ରହିଛନ୍ତି ଏଣୁ ଯାହାଫଳରେ ସରକାରଙ୍କ ବିଭିନ୍ନ ଯୋଜନା ଚାଷୀମାନଙ୍କ ପାଖରେ ପହଞ୍ଚିବା ଅସୁବିଧା ହେଉଛି, ତେଣୁ ଆଉ 5 ଗୋଟି ସର୍କଲ ପାଇଁ ପଦବୀ ପୂରଣ କେବେସୁଦ୍ଧା କରାଯିବାର ବ୍ୟବସ୍ଥା ରହିଛି ?

----

**Steps taken to bring down prices of milk**

**5033 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether it is a fact that milk prices have surged upwards during the last five years; and (b) if so, the details thereof during the said period, year-wise; and steps taken by Government of Odisha to bring down prices of milk ?

----

**Details of the share of solar energy**

**5034 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the details of the share of solar energy to the total 'new and renewable energy' production in the State; and (b) whether it is a fact that a huge potential exists in the State to augment the solar energy; if so, the details thereof; and the steps taken by Government of Odisha to maximize the solar energy production in the State ?

----